# ଜଳାଭାବରୁ ଫସଲ ପ୍ରଭାବିତ; ଚିନ୍ତାରେ ଚାଷୀ




**ମାଲକାନଗିରି, ୧୩।୪(ସମିସ)**

ଆଦିବାସୀ ବହୁଳ ମାଲକାନଗିରି ଜିଲ୍ଲାରେ ଅଧିକାଂଶ ଲୋକେ ଚାଷ ଉପରେ ନିର୍ଭରଶୀଳ। ବର୍ତ୍ତମାନ କିନ୍ତୁ ଚାଷୀଙ୍କ ମୁଣ୍ଡରେ ପଡ଼ିଛି ଚଡ଼କ। କାରଣ ଚାଷ ପାଇଁ ଚାଷୀ ଦିନରାତି ପରିଶ୍ରମ କରିଥିଲେ ସୁଦ୍ଧା ଏବେ ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଇଛି ଜଳ ସମସ୍ୟା। ଅନେକ ଚାଷୀଙ୍କ ନିଜ ଜମିରେ ଜଳସେଚନ ବ୍ୟବସ୍ଥା ନଥିବା ବେଳେ ନଳକୂପ କରି ବୋରିଙ୍ଗ ପାଣି ଦ୍ୱାରା ଦୀର୍ଘ ବର୍ଷଧରି ଜିଲ୍ଲାର ଅନେକ ଚାଷୀ ପନିପରିବା ଚାଷ କରିଆସୁଛନ୍ତି। ଏବେ ନଳକୂପରେ ଜଳସ୍ତର ହ୍ରାସ ପାଉଛି। ଫସଲ ଆମଦାନୀ କମିବାରେ ଲାଗିଛି। ବଜାରରେ ପନିପରିବା ଦର ମଧ୍ୟ ହ୍ରାସ ହେଉଥିବାରୁ ବହୁତ କ୍ଷତି ସହିବାକୁ ପଡୁଥିବା ନେଇ ଚାଷୀକୁଳ ଅଭିଯୋଗ କରୁଛନ୍ତି।

କିଛି ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲାର ତଣ୍ଡାପାଲି ପଞ୍ଚାୟତ ଅନ୍ତର୍ଗତ ଏମଭି-୧୫ ଗ୍ରାମରୁ। ପୂର୍ବରୁ କେବଳ ଧାନଚାଷ କରି ଜୀବିକା ବିତାଉଥିବା ଏହି ଚାଷୀ ଗତ ୭ ବର୍ଷଧରି ନଳକୂପ ପାଣିରେ ଧାନ ଚାଷ କରି ଆସୁଛନ୍ତି। ଏହାସହ ଲାଭଦାୟକ ପରିବା ପୋଟଳ, ଟମାଟୋ, କୋବି, ଭେଣ୍ଡି ଭଳି ବିଭିନ୍ନ ପ୍ରକାର ପନିପରିବା ଚାଷକରି ଭଲ ଅର୍ଥ ରୋଜଗାର କରୁଥିଲେ। ବର୍ତ୍ତମାନ ଏହି ଚାଷୀଙ୍କ ଜମିରେ ଥିବା ନଳକୂଅର ଜଳସ୍ତର ହ୍ରାସ ପାଇବା ଯୋଗୁଁ ପନିପରିବା ଉତ୍ପାଦନ ମଧ୍ୟ କମି ଯାଇଛି। ଯେତିକି ଚାଷ କରୁଥିଲେ ବର୍ତ୍ତମାନ ତାହାଠାରୁ କମ ଚାଷ କରିବାକୁ ପଡୁଛି। ଯାହାକୁ ନେଇ ଏବେ ଚିନ୍ତାରେ ଏହି ଚାଷୀ। ଏହାସହ ବର୍ତ୍ତମାନ ବଜାରରେ ଅଧିକ ପନିପରିବା ଆସୁଥିବାରୁ ପରିବା ଦର କମିଯାଇଛି। ଫଳରେ ଫସଲ କରି ଯେତିକି ପାରିଶ୍ରମିକ ପାଇବା କଥା ସେତିକି ମିଳିପାରୁ ନାହିଁ। ଚାଷୀଙ୍କୁ ଏବେ ଲାଭ ହେବା ଜାଗାରେ କ୍ଷତି ସହିବାକୁ ପଡୁଛି ବୋଲି ଅଭିଯୋଗ ହୋଇଛି। ଏନେଇ ଜିଲ୍ଲା ଉଦ୍ୟାନ ଅଧିକାରୀ ପ୍ରଶାନ୍ତ ପାତ୍ର କହିଛନ୍ତି ଯେ ପରିବା ଚାଷ ନଷ୍ଟ ହେଲେ ଚାଷୀଙ୍କୁ ଏକର ପିଛା ୨୦ ହଜାର ଟଙ୍କା ଅନୁଦାନ ଦେବାର ନିୟମ ରହିଛି। ଏହାସହ ଚାଷୀମାନେ ବଜାରରେ ଉଚିତ ମୂଲ୍ୟ ପାଉ ନଥିଲେ ସେମାନେ ଉଦ୍ୟାନ ବିଭଗ ସହ ଯୋଗାଯୋଗ କଲେ ଏହାର ସମାଧାନର ବାଟ ବାହାରିପାରିବ ବୋଲି ଶ୍ରୀ ପାତ୍ର ମତ ରଖିଛନ୍ତି।

# ଜାତୀୟ ରାଜପଥରେ ଜମିହରାଙ୍କୁ ଉଚିତ୍ ମୂଲ୍ୟ ପ୍ରଦାନ ନିର୍ଦ୍ଦେଶ

**ମାଲକାନଗିରି, ୧୩।୪(ସମିସ):** ମାଲକାନଗିରି ଜିଲ୍ଲାରେ ଜାତୀୟ ରାଜପଥ ଲାଗି ଜମି ହରାଉଥିବା ଲୋକଙ୍କୁ ତୁରନ୍ତ ଆଇନ ଅନୁଯାୟୀ ଉଚିତ ମୂଲ୍ୟ ପ୍ରଦାନ କରିବା ଲାଗି ହାଇକୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥ ଉପରେ ହାଇଲେବଲ ବ୍ରିଜ ନିର୍ମାଣ ଲାଗି ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି। ଶାଗମାଛ ଦରରେ ଜାତୀୟ ରାଜପଥ ବିଭାଗ ଆଦିବାସୀ ଓ ଅଣଆଦିବାସୀଙ୍କ ଜମି ଅଧିଗ୍ରହଣ କରି ନେଉଥିବା ଅଭିଯୋଗ ନେଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ମାଲକାନଗିରି ତହସିଲ କୋଡେଲମେଟଲା ମୌଜା ଅନ୍ତର୍ଗତ ଏମଭି୧୯ ଓ ପାଲକୋଣ୍ଡା ଗାଁର ଲୋକେ। କୋଡେଲମେଟଲା ମୌଜାର ଜାତୀୟ ରାଜପଥ କଡ଼ ପ୍ଲଟ୍‌ଗୁଡ଼ିକର ସରକାରୀ ମୂଲ୍ୟ ୩ କୋଟି ୩୦ ଲକ୍ଷ୍ୟ ରହିଥିବା ବେଳେ ଏକର ପିଛା ୬ ଲକ୍ଷ ଟଙ୍କା ଦରରେ ଜମି ଅଧିଗ୍ରହଣ ହେଉଛି। ଏନେଇ ଉଚିତ ମୂଲ୍ୟ ଦାବିକରି ଗାଁଲୋକେ ଜିଲ୍ଲାପାଳଙ୍କଠାରୁ ଆରମ୍ଭକରି ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଅଭିଯୋଗ ଜଣାଇ କୌଣସି ସୁଫଳ ନପାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୩ ମାସ ମଧ୍ୟରେ ଜମିର ବେଞ୍ଚମାର୍କ ଭାଲ୍ୟୁକୁ ଦୃଷ୍ଟିରେ ରଖି ଆଇନ ଅନୁଯାୟୀ ଜମିର ମୂଲ୍ୟ ପ୍ରଦାନ କରିବା ଲାଗି ହାଇକୋର୍ଟ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ରାୟକୁ ନେଇ ହାଇକୋର୍ଟ ଓକିଲ ବିପ୍ଳବ ବାହାଲି ତାଙ୍କ ସହଯୋଗୀ ଆଇନଜୀବୀ ସୁବ୍ରତ ନନ୍ଦ ମାଲକାନଗିରି ଜିଲ୍ଲାପାଳଙ୍କୁ ଭେଟି ସମସ୍ୟାର ସମାଧାନ ଲାଗି ନିବେଦନ କରିଛନ୍ତି।



# ଟ୍ରକ୍‌କୁ ଧକ୍କାଦେଲା ବାଇକ୍; ୨ ଆହତ

**ମୈଦଲପୁର,୧୩।୪(ସମିସ):** ମୈଦଲପୁର ପେଟ୍ରୋଲ ପମ୍ପ ନିକଟରେ ସନ୍ଧ୍ୟା ୭ଟା ସମୟରେ ଟ୍ରକକୁ ଏକ ବାଇକ ପଛରୁ ପିଟିଥିବା ବେଳେ ବାଇକରେ ବସିଥିବା ଦୁଇ ଜଣଙ୍କ ମଧ୍ୟରୁ ଜଣେ ଆହତ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୈଦଲପୁର ପୁଲିସ ପହଞ୍ଚି ଦୁଇ ଜଣଙ୍କୁ ଉଦ୍ଧାର କରି ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ଉକ୍ତ ଦୁଇ ଜଣ ପାପଡ଼ାହାଣ୍ଡି ବ୍ଲକ ତୁମ୍ବାର୍ଲା ପଞ୍ଚାୟତର ରାନୀଗୁଡ଼ା ଗ୍ରାମର ପଦ୍ମନ ଭତ୍ରା ଓ ବୁଦୁରାମ ଭତ୍ରା ବୋଲି ଜଣାପଡ଼ିଛି। ସୂଚନା ପ୍ରକାରେ, ଦୁଇ ବାଇକ୍ ଚାଳକ କୌଣସି କାର୍ଯ୍ୟରେ ମୈଦଲପୁର ଆସିଥିଲେ। ମୈଦଲପୁର ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ (ଓଡି ୨୫ଜି ୨୯୬୭) ରାସ୍ତା କଡ଼ରେ ରଖିଥିଲା। ପଦ୍ମନ ଓ ବୁଦୁରାମ ଏକ ବାଇକ (ଓଡି୨୪ଜେ ୭୬୨୪)ରେ ଆସୁଥିବା ସମୟରେ ପଛପଟୁ ଆସି ଟ୍ରକରେ ପିଟି ହୋଇଥିଲେ। ପଦ୍ମନ ଗୁରୁତର ହୋଇଥିବାବେଳେ ବୁଦୁରାମ ଆହତ ହୋଇଛନ୍ତି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଦୁଇ ଜଣଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ।

# ଗୋଷ୍ଠୀ ଜଙ୍ଗଲ ପଟ୍ଟା ପାଇଁ ଗ୍ରାମସଭା ସଦସ୍ୟ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ମାଲକାନଗିରି/କାଲିମେଳା, ୧୩।୪(ସମିସ)**

ମାଲକାନଗିରି ଜିଲ୍ଲାରେ ବିଭିନ୍ନ ରାଜସ୍ୱ ଗ୍ରାମର ଗ୍ରାମସଭାର ସଦସ୍ୟ ଗୋଷ୍ଠୀ ଜଙ୍ଗଲ ପଟ୍ଟା ପାଇଁ ଦାବିନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅନେକ ବର୍ଷ ଧରି ବିଭିନ୍ନ ବ୍ଲକରେ ରହୁଥିବା ଅନେକ ଜନଜାତି ଗୋଷ୍ଠୀ ନିଜ ଅଞ୍ଚଳରେ ଜଙ୍ଗଲ ସୁରକ୍ଷା ଦିଗରେ ପଦକ୍ଷେପ ନେଇ ଆସୁଥିବା ବେଳେ ଜଙ୍ଗଲ ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ନେଇ ଆସୁଛନ୍ତି। ଏହି ଜଙ୍ଗଲ ଅନେକ ଲୋକଙ୍କୁ ରୋଜଗାର ମଧ୍ୟ ଯୋଗଉଥିବା ବେଳେ ୨୦୧୯ରେ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ-୨୦୦୬ ଏବଂ ଜଙ୍ଗଲ ଅଧିକର ସ୍ୱୀକୃତ ସଂଶୋଧିତ ଆଇନ ୨୦୧୨ ଅନୁଯାୟୀ ଗୋଷ୍ଠୀ ଜଙ୍ଗଲ ଜମିର ପଟ୍ଟା ପାଇଁ ଆବେଦନ କରିଥିଲେ। ଏହି ପଟ୍ଟା ମିଳି ନଥିବା ବେଳେ ବାରମ୍ବାର ଏନେଇ ଦାବି କରି ଆସୁଛନ୍ତି। ଜିଲ୍ଲାର ମାଟାପାକା, କାଲିମେଳା, ମାନ୍ୟମକୋଣ୍ଡା, ଖଇରପୁଟ, ଗୋବିନ୍ଦପାଲି ଆଦି ପଞ୍ଚାୟତର ଶତାଧିକ ସଦସ୍ୟ ଜିଲ୍ଲାପାଳ ସଚିନ ପାୱାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି କମିଟିର ଅଧ୍ୟକ୍ଷ ଡିଡବ୍ଲୁଓଙ୍କୁ ମାମଲାର ସମାଧାନ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ପାୱାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସ୍ଥାନୀୟ ତହସିଲଦାରଙ୍କୁ ପଟ୍ଟା ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।



# ସୀମାନ୍ତରେ ୩ ମାଓବାଦୀ ଗିରଫ; ବିସ୍ଫୋରକ ଜବତ

**ମାଲକାନଗିରି, ୧୩।୪(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟର ବିଜାପୁର ଜିଲ୍ଲାରେ ଚାଲିଥିବା ମାଓବାଦୀ ବିଲୋପ ଅଭିଯାନକ୍ରମରେ ୩ ଜଣ ମାଓବାଦୀଙ୍କୁ ଗିରଫ କରାଯିବା ସହ ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଉସୁର ପୁଲିସ ଷ୍ଟେସନ ଏବଂ କେରିପୁ ୧୯୬ର ମିଳିତ ବାହିନୀ ସର୍ଚ୍ଚ ଅପରେସନରେ ପରମାପଲ୍ଲୀ ଅଭିମୁଖେ ଯାଇଥିଲେ। ପରମପାଲ୍ଲୀରୁ ଉସୁର ଆଡକୁ ଫେରୁଥିବା ବେଳେ ଦୁଇଟି ବାଇକରେ ଜଙ୍ଗଲ ରାସ୍ତା ଦେଇ ୩ ଜଣ ବ୍ୟକ୍ତି ଦୃତ ଗତିରେ ଯାଉଥିବା ବେଳେ ସେମାନଙ୍କୁ ଯବାନମାନେ ଅଟକାଇ ପଚରାଉଚରା କରିଥିଲେ। ସମସ୍ତେ ମାଓବାଦୀ ବୋଲି ଜଣପଡ଼ିବା ପରେ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ସୁରେଶ କାକା, ନାଗେଶ କାଟମ, ତୁଲା କାକା। ଗିରଫ ମାଓବାଦୀ ମାନଙ୍କୁ ପଚରା ଉଚରା ବେଳେ ସେମାନେ କହିଥିଲେ ଯେ ସେମାନେ ମାଓ ସଙ୍ଗଠନକୁ ଦେବା ପାଇଁ ବିସ୍ଫୋରକ ସାମଗ୍ରୀ ନେଇ ଯାଉଥିଲେ। ଏହାସହ ଅନେକ ସମୟରେ ସେମାନେ ଏହିପରି କାର୍ଯ୍ୟ କରି ଆସୁଥିବା ସ୍ୱୀକାର କରିଛନ୍ତି।



# ଗୁଣୁପୁର ବାଇପାସ୍ ରାସ୍ତାକଡ଼ର ଡ୍ରେନ୍ ନିମ୍ନମାନର ଅଭିଯୋଗ

**ଗୁଣୁପୁର, ୧୩।୪(ସମିସ):** ଗୁଣୁପୁର ବାଇପାସ୍ ରାସ୍ତାର ନବୀକରଣ ତଥା ୪ ଆକିଆ ରାସ୍ତା ପାଇଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରାସ୍ତାର ଦୁଇପାର୍ଶ୍ୱରେ ଥିବା ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏହି ଡ୍ରେନ୍ ନିର୍ମାଣ ଅତି ନିମ୍ନମାନର କରାଯାଉଥିବା ବେଳେ ସାହି ଓ ବସ୍ତି ଭଳି ଡ୍ରେନ୍‌କୁ ସଂକୀର୍ଣ୍ଣ କରାଯାଉଥିବା ଅଭିଯୋଗ ହେଉଛି। ବର୍ଷା ଦିନରେ ଏହି ରାସ୍ତାରେ ପ୍ରବଳ ପରିମାଣରେ ପାଣି ପ୍ରବାହିତ ହେଉଥିବା ଦୃଷ୍ଟିରୁ ଏହି ଡ୍ରେନ୍‌କୁ ଯଥେଷ୍ଟ ଓସାରିଆ କରିବା କଥା; ମାତ୍ର ତରବରିଆ ଓ ଯୋଜନାବିହୀନ ଡ୍ରେନ୍ ନିର୍ମାଣ ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଡ୍ରେନକୁ ପୁରୁଣା କଲଭର୍ଟକୁ ସଂଯୋଗ କରିଦିଆଯାଉଛି। ଫଳରେ ବର୍ଷାପାଣି ନିଷ୍କାସନ ହେବାରେ ସମସ୍ୟା ଉପୁଜିବ ବୋଲି ଅଭିଜ୍ଞ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ମଧ୍ୟ ଅତି ମନ୍ଥର ଗତିରେ ଚାଲିଛି। ଫଳରେ ସାଧାରଣ ଯାତ୍ରୀ ହନ୍ତସନ୍ତ ହୋଇ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଭାଗୀୟ ଯନ୍ତ୍ରୀଙ୍କ ଦେଖା ମିଳୁ ନଥିବା ବେଳେ ଫୋନରେ ଯୋଗାଯୋଗ ହୋଇପାରୁ ନାହିଁ। ନିର୍ମାଣ କାର୍ଯ୍ୟରେ ସୁଧାର ଆଣିଲେ ବର୍ଷାଋତୁରେ ସମସ୍ୟା ସୃଷ୍ଟି ହେବନାହିଁ ନଚେତ୍ ବହୁ ସମସ୍ୟା ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଛି।



## ବିଚ୍ଛିନ୍ନାଞ୍ଚଳରେ ଜଟିଳ ହେଉଛି ପାନୀୟଜଳ ସମସ୍ୟା

# ଗାଦିଆଝୋଲା ଗ୍ରାମରେ ଜଳ ସଙ୍କଟ; ସୌରଚାଳିତ ପ୍ରକଳ୍ପ ଅଚଳ

**ନନ୍ଦପୁର, ୧୩।୪(ସମିସ):** ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବିଚ୍ଛିନ୍ନାଞ୍ଚଳରେ ଜଟିଳ ହେଉଛି ପାନୀୟଜଳ ସମସ୍ୟା। ବିଚ୍ଛିନ୍ନାଞ୍ଚଳର ଚାରି ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ଦେଖାଦେଇଛି ଜଳକଷ୍ଟ। କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ ବନମାଳିପୁଟ ପଞ୍ଚାୟତ ଗାଦିଆଝୋଲା

**● ପ୍ରଶାସନ ନିରବଦ୍ରଷ୍ଟା**

ଗ୍ରାମରେ ଦୀର୍ଘ ୬ ମାସ ହେବ ସୌରଚାଳିତ ପାନୀୟଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଥିବା ବେଳେ ଏହି ସମସ୍ୟା ଗ୍ରାମବାସୀଙ୍କୁ ଅତିଷ୍ଠ କରିଛି। ଗ୍ରାମରେ ରହିଥିବା ଦୁଇଟି ନଳକୂପ ମଧ୍ୟ ଅଚଳ ହୋଇ ପଡ଼ିଛି। ସେପଟେ ମରାମତି ପାଇଁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କର୍ଣ୍ଣପାତ କରୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବହୁବାର ବନମାଳିପୁଟ ପଞ୍ଚାୟତର ସରପଞ୍ଚ ମଧ୍ୟ ବିଭାଗୀୟ ଯନ୍ତ୍ରୀଙ୍କୁ ଏନେଇ ଅବଗତ କରାଇଛନ୍ତି। ଏପର୍ଯ୍ୟନ୍ତ ସୌରଚାଳିତ ପ୍ରକଳ୍ପର ମରାମତି ହୋଇ ନଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗ୍ରାମରେ ମୋଟ ୬୦ରୁ ଅଧିକ ଘର ରହିଥିବା ବେଳେ ପାନୀୟଜଳ ପାଇଁ ବର୍ତ୍ତମାନ ଚୁଆ ଉପରେ ଭରସା କରୁଛନ୍ତି ଗ୍ରାମବାସୀ। ଆଗକୁ ଗ୍ରୀଷ୍ମ ପ୍ରକୋପ ବଢ଼ିବାର ଆଶଙ୍କା ନେଇ ପାଣିପାଗ ବିଭାଗ ସୂଚନା ଦେଇଥିବା ବେଳେ ତାହା ଗ୍ରାମବାସୀଙ୍କ ଚିନ୍ତାକୁ ବଢ଼ାଇ ଦେଇଛି। ତୁରନ୍ତ ପ୍ରଶାସନ ବିଚ୍ଛିନ୍ନାଞ୍ଚଳରେ ରହିଥିବା ଗ୍ରାମଗୁଡିକରେ ଅଚଳ ସୌରଚାଳିତ ପ୍ରକଳ୍ପଗୁଡ଼ିକର ମରାମତି କରିବା ସହ ଗ୍ରାମବାସୀଙ୍କ ପାନୀୟଜଳ ସମସ୍ୟା ଦୂର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।






# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସୁନାବେଡ଼ା, ୧୩।୪(ସମିସ):** ସୁନାବେଡ଼ା-୩ ସ୍ଥିତ ଗଞ୍ଜାମ କଲୋନୀରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ କୈବଲ୍ୟ ହରିଜନ(୩୨)। କୌଣସି କାରଣରୁ ଘରେ କେହି ନ ଥିବା ବେଳେ ଶୁକ୍ରବାର ରାତ୍ର ୧୨ଟା ୩୦ ମିନିଟ୍ ସମୟରେ ସେ ଘର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୁନାବେଡ଼ା ଥାନାରେ କେହି କୌଣସି ରିପୋର୍ଟ କରିନାହାନ୍ତି ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

# ବିଦାୟକାଳୀନ ସମ୍ବର୍ଦ୍ଧନା ଓ କ୍ୟାରିୟର କାଉନ୍‌ସେଲିଂ




**ମାଲକାନଗିରି, ୧୩।୪(ସମିସ):** ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ତରଫରୁ +୩ ଶେଷବର୍ଷ ସମ୍ମାନ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ ଅବସରରେ ଏକ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ବିଭାଗର ମୁଖ୍ୟ ଡ. ରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ରୂପେ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦାନ କରିଥିଲେ। ଅଧ୍ୟାପିକା ଆରତୀ ଲୁଗୁନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ କିପରି କର୍ମନିଯୁକ୍ତି ପାଇବେ ସେ ବିଷୟରେ ବିଭାଗୀୟ ମୁଖ୍ୟ ଡ. ସ୍ୱାଇଁ ସମ୍ପୂର୍ଣ୍ଣ ଟିପ୍ପଣୀ ରଖିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବି. ଗୁପ୍ତେଶ୍ୱର ରାଓ, ସ୍ନିଗ୍ଧା ସର୍ଦ୍ଦାର ସହଯୋଗ କରିଥିବା ସହ ଛାତ୍ରଛାତ୍ରୀଙ୍କୁ ଉପହାର ସ୍ୱରୂପ କଲମ ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଦୀପ୍ତିରେଖା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



■ ବିଶ୍ୱାସଭାଜନ ହେଉଛି ବିଜୁ ଜନତା ଦଳ

# ମିଶ୍ରଣ ପର୍ବରେ ସାମିଲହେଲେ ଅନେକ ଯୁବପିଢ଼ି



**ମାଲକାନଗିରି, ୧୩।୪ (ସମିସ):** ନିର୍ବାଚନ ଯେତେ ପାଖେଇ ଆସୁଛି ବିଜୁ ଜନତା ଦଳ ଲୋକଙ୍କ ସେତେ ମନ ଜିଣୁଛି। ବିଜୁ ଜନତା ଦଳ ପ୍ରତି ଅକୁଣ୍ଠ ଭଲପାଇବା ସହ ନବୀନ ଓଡ଼ିଶାର ସଂକଳ୍ପକୁ ଆହୁରି ଦୃଢ଼ କରୁଛି ଲୋକଙ୍କ ସମର୍ଥନ। ବିଜୁ ଜନତା ଦଳ ଜନ ଆନ୍ଦୋଳନରେ ପରିଣତ ହେଉଥିବା ବେଳେ ମାଲକାନଗିରି ସହର ଲାଠିଆଗୁଡାସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ଏକ ମିଶ୍ରଣ ପର୍ବରେ ଅନେକ ନେତୃମଣ୍ଡଳୀ ଓ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ମାଲକାନଗିରି ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ମାଲକାନଗିରି ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ମାନସ ମାଡକାମୀଙ୍କ ଉପସ୍ଥିତି ଏବଂ ବିଜେଡି ନେତା ରମେନ ମଣ୍ଡଳ ଓ ସୁବ୍ରତ ଶୀଲଙ୍କ ନେତୃତ୍ୱରେ ଜିଲ୍ଲାର କାଲିମେଲା ବ୍ଲକ ଭେଙ୍କେଟପାଲ୍ଲାମ ଗ୍ରାମପଞ୍ଚାୟତର ସୁନୀଲ ବିଶ୍ୱାସ, ଗୌତମ ମଣ୍ଡଳ, ରତନ ମଣ୍ଡଳ, ରାହୁଲ ହାଲିଆ, ସୁଶାନ୍ତ ମୀର୍ଦ୍ଧା, ରାମଚନ୍ଦ୍ର ପଡ଼ିଆମୀ, ଭବେନ ମଣ୍ଡଳଙ୍କ ସହ ୩୦ରୁ ଅଧିକ ଯୁବଗୋଷ୍ଠୀ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଜିଲ୍ଲା ଯୁବ ସମ୍ପାଦକ ବସନ୍ତ ନାୟକ, ପୌରାଞ୍ଚଳ ଛାତ୍ର ସଭାପତି ସଙ୍କର ପାଣିଗ୍ରାହୀ, ବିଜେଡି ମିଡ଼ିଆ ସଂଯୋଜକ ସଦାନନ୍ଦ ଖରା ଓ କେ.ରାହୁଲ ପ୍ରମୁଖ ଉପସ୍ଥିତ ଥିଲେ।

ସଶକ୍ତ ହେଉଛି ବିଜେଡି

# ଦଳରେ ସାମିଲହେଲେ ଶତାଧିକ ଯୁବକ, ଛାତ୍ର

ନବରଙ୍ଗପୁର/ପଦ୍ମପୁର, ୧୩।୪ (ସମିସ)





ଦିନକୁ ଦିନ ସଶକ୍ତ ହେଉଛି ବିଜେଡି। ଶନିବାର ନବରଙ୍ଗପୁର ବିଜେଡିର ଏକ ବିରାଟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଦିଲୁ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ପ୍ରଥମେ ଛାତ୍ର ବିଜେଡି ନଗର ସଭାପତି ପଦ ପୂରଣ କରାଯାଇଛି। ପୂର୍ବରୁ

● ଏ. ମୁରଲୀ କ୍ରିଷ୍ଣା ଓ ସୁଧୀର ଦାସଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ

ଅଭିନାଶ ମହାପାତ୍ର ଏହି ପଦରେ ଥିବାବେଳେ ବର୍ତ୍ତମାନ ସେ ଚାକିରି ପାଇବା ପରେ ଉକ୍ତ ପଦ ଖାଲି ପଡ଼ିଥିଲା। ଏହି ପଦକୁ ଛାତ୍ରନେତା ଏ ମୁରଲୀ କ୍ରିଷ୍ଣା ଚୟନ ହୋଇଛନ୍ତି। ଏହି ଅବସରରେ ଶ୍ରୀ କ୍ରିଷ୍ଣାଙ୍କ ସମେତ ଏକ ଶହରୁ ଅଧିକ ଯୁବକ ଓ ଛାତ୍ର ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଶ୍ରୀ କ୍ରିଷ୍ଣା ଓ ତାଙ୍କ ସମର୍ଥକଙ୍କୁ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ନବରଙ୍ଗପୁର ପୂର୍ବତନ ସାଂସଦ ତଥା ନବରଙ୍ଗପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀ, ବିଧାୟକ ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀ, ନଗର ସଭାପତି ପ୍ରମୋଦ ରଥ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ନବରଙ୍ଗପୁର ପୌର ପରିଷଦର କାଉନସିଲର ନଗେନ୍ଦ୍ର ପଟ୍ଟନାୟକ, ଜିଲ୍ଲା ବିଜେଡି ଉପସଭାପତି ମିଟୁ ପାତ୍ର, ଉତ୍ତମ ତ୍ରିପାଠୀ, ବିଜେଡି ସମ୍ପାଦକ ଭୀମ ହରିଜନ, ସାଂସଦ ପ୍ରତିନିଧି ବାବୁଲି ମିଶ୍ର, ନଗର ବିଜେଡି ଉପସଭାପତି ସ୍ୱାଧୀନ ପଣ୍ଡା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କୁନା ପାଢ଼ୀ, ଲାଲୁ ତ୍ରିପାଠୀ, ସଞ୍ଜୟ ନାୟକ, ପୌର ପରିଷଦର ୯ ନମ୍ବର ୱାର୍ଡ ବିଜେଡି ସଭାପତି ଦୁର୍ଗା ତ୍ରିପାଠୀ, ସିରାଜଉଦ୍ଦିନ ଅହମ୍ମଦ, ଆର୍. ପୁରୁଷୋତ୍ତମ ଆଚାରୀ, ଜଗନ୍ନାଥ ବାଗଙ୍କ ସମେତ ବହୁ ବିଜେଡି ନେତା-କର୍ମୀ ଉପସ୍ଥିତ ଥିଲେ।

ସେହିପରି ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର କୁମାର ଦାସଙ୍କ ଦୁର୍ଗୀସ୍ଥିତ ବାସଭବନରେ ବିଷମକଟକ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁରର ଓକିଲ ସରୋଜ କୁମାର ପାଣିଗ୍ରାହୀ, ମିଖାଲ ପାଣିଗ୍ରାହୀ, ଦିଲ୍ଲୀପ ମହାପାତ୍ର, ରାଜୀବ ଲୋଚନ ପାଢ଼ୀଙ୍କ ସହ ପଦ୍ମପୁର ନୂଆସାହିର ରଘୁନନ୍ଦନ ପାଢ଼ୀ, ଅଜିତ ପାଢ଼ୀ, କୈଳାଶ ନାୟକ, ସତ୍ୟନାରାୟଣ ପାଢ଼ୀ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ଫଳରେ ଗୁଣପୁର ନିର୍ବାଚନମଣ୍ଡଳୀରେ ବିଜେଡି ସୁଦୃଢ ହେବା ସହ ଶକ୍ତିଶାଳୀ ହୋଇଛି। ବିଷମକଟକ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକା, ଗୁଣୁପୁର ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗଙ୍କ ସହ ଜିଲ୍ଲା ସମ୍ପାଦକ ଦୁର୍ଗାପ୍ରସାଦ ସାହୁ, ବିଜୁ ଯୁବ ଜନତା ଦଳର ଜିଲ୍ଲା ସମ୍ପାଦକ ସନ୍ତୋଷ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# କୌଶଲ୍ୟା ହିକକାଙ୍କ ମାରାଥନ ପ୍ରଚାର

**ନନ୍ଦପୁର,୧୩।୪(ସମିସ):** କୋରାପୁଟ ବିଜେଡି ଲୋକସଭା ପ୍ରାର୍ଥିନୀ କୌଶଲ୍ୟା ହିକକାଙ୍କ ନନ୍ଦପୁର ବ୍ଲକରେ ମାରାଥନ ପ୍ରଚାର ଜାରି ରହିଛି। ଶନିବାର କୋରାପୁଟ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ସାଂସଦ ଝିନ ହିକକାଙ୍କ ନେତୃତ୍ୱରେ ନନ୍ଦପୁର ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ସାଂସଦ ପ୍ରାର୍ଥିନୀ ଶ୍ରୀମତୀ ହିକକା ମାରାଥନ ପ୍ରଚାର କରି କୋରାପୁଟ ଜିଲ୍ଲାକୁ ଆହୁରି ବିକଶିତ କରିବା ହେଲେ ଶଙ୍ଖ ଚିହ୍ନରେ ମୋହର୍ ମାରି ବିପୁଳ ମାତ୍ରାରେ ଭୋଟ୍ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ସାଂସଦ ପ୍ରାର୍ଥିନୀ କୌଶଲ୍ୟାଙ୍କୁ ଭୋଟ ଦେଇ କୋରାପୁଟର ଟେକ କରିବାକୁ ଆହ୍ୱାନ କରିଥିଲେ। ପରେ ନନ୍ଦପୁର ବ୍ଲକ୍ ବିଜେଡି କାର୍ଯ୍ୟକାରୀ ସଭାପତି ସ୍ୱର୍ଗତ ଟଙ୍କଧର ଖରାଙ୍କ ବାସଭବନକୁ ଯାଇ ପରିବାର ବର୍ଗଙ୍କୁ ସମବେଦନା ଜଣାଇ ଫେରିଥିଲେ। ପରେ ନନ୍ଦପୁର ବ୍ଲକ୍ ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ଜିଲ୍ଲା ବିଜେଡି ସମ୍ପାଦକ ମୁନା ଦଳପତି, ଯୁବ ମୋର୍ଚ୍ଚା ଉପସଭାପତି ପ୍ରଭାତ ଗୁରୁମାଇ, ଛାତ୍ର ଯୁବ ମୋର୍ଚ୍ଚା ଉପସଭାପତି ସୁନିଲ କୁମାର ପଣ୍ଡା, ବିଜେଡି ସାମାଜିକ ଗଣମାଧ୍ୟମ ପ୍ରତିନିଧି ସଞ୍ଜୟ ଦିଆରି, ମହିଳା ସଭାନେତ୍ରୀ ବିଜୟ ଲକ୍ଷ୍ମୀ ପଟ୍ଟନାୟକ ସହ ଚା' ବିରତିରେ ଦଳୀୟ ଆଲୋଚନା କରି ଆଗାମୀ ରଣନୀତି ଉପରେ ଆଲୋଚନା କରି ଫେରିଥିଲେ।



ବିଜେଡି ଜିଲ୍ଲା ସଭାପତି ଏନ୍.ଭାସ୍କର ରାଓଙ୍କ ଗୁଡ଼ାରୀ ଗସ୍ତ

# ସମସ୍ତେ ମିଳିମିଶି କାମ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ

**ଗୁଡ଼ାରୀ,୧୩।୪(ସମିସ):** ଗତ ଗୁରୁବାର ରାଜ୍ୟ ସରକାରଙ୍କ ତରଫରୁ ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ରାୟଗଡ଼ା ଜିଲ୍ଲା ବିଜେଡି ସଭାପତି ଏନ୍ ଭାସ୍କର ରାଓ ଗୁଡ଼ାରୀ ଆସି କର୍ମୀମାନଙ୍କ ସହ ମିଶି ଆଲୋଚନା କରିଛନ୍ତି। ପ୍ରଥମେ ବିଜେଡି ଜିଲ୍ଲା ଉପସଭାପତି ସନ୍ତୋଷ ମହାନ୍ତି ଏବଂ ଜିଲ୍ଲା ଯୁବ ଉପସଭାପତି କେଦାର ସାହୁ ଏନ୍ ଭାସ୍କର ରାଓଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ। ପରେ ବିଜେଡିର ପ୍ରମୁଖ ବ୍ୟକ୍ତି ଗଣପତି ପାଠି ଏବଂ ଭି.ୱାଇକିଣ୍ଟା ଜିଲ୍ଲା ସମ୍ପାଦକ ଏମ.ପ୍ରସାଦ, ଜିଲ୍ଲା ସାଧାରଣ ସମ୍ପାଦକ ସୁବାସ ଗୌଡ଼, ଈଶ୍ୱର ପାଣିଗ୍ରାହୀ, ଶୁଶିଳ ଗୁରୁ, ଦିଲ୍ଲୀପ ସେଠୀ, ଚନ୍ଦ୍ର ପଣ୍ଡା, ଦିଲ୍ଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ରାଓ ସମସ୍ତ ପଞ୍ଚାୟତ ଏବଂ ଗୁଡ଼ାରୀ ଏନ୍ଏସି କର୍ମୀ ଏବଂ ପଦ ପଦବୀରେ ଥିବା ସମସ୍ତ ବିଜେଡି ସଭ୍ୟଙ୍କୁ ଆଗାମୀ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତିନିଜଣ ବିଧାୟକ ଏବଂ ଜଣେ ସାଂସଦଙ୍କୁ ବିଜୟ କରିବା ପାଇଁ ଆଗାମୀ ୮ରୁ ୧୦ ଭିତରେ ପ୍ରତ୍ୟେକ ବ୍ଲକ୍ ଏବଂ ଏନ୍ଏସିର ସମସ୍ତ କର୍ମୀ ଏବଂ ବିଜେଡି ପଦାଧିକାରୀମାନଙ୍କ ସହ ବୈଠକ କରି ବିଜୟର ରଣନୀତି ପ୍ରସ୍ତୁତ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସମସ୍ତେ ଏକଜୁଟ ହେଇ ଲଢ଼ିବା ବୋଲି କର୍ମୀ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି।



■ ଦିନକରେ ପଡ଼ାଲଗୁଡ଼ା ସରପଞ୍ଚଙ୍କ ନିଷ୍ପତ୍ତି ପରିବର୍ତ୍ତନ

# ଶୁକ୍ରବାର ବିଜେପିରେ ଯୋଗଦାନ, ଶନିବାର ସ୍ୱାଧୀନ

**ନବରଙ୍ଗପୁର/ନନ୍ଦାହାଣ୍ଡି, ୧୩।୪(ସମିସ):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ପଡ଼ାଲଗୁଡାର ସରପଞ୍ଚ ଫଗୁଣ ନାୟକଙ୍କ ଦିନକ ମଧ୍ୟରେ ନିଷ୍ପତ୍ତି ପରିବର୍ତ୍ତନକୁ ନେଇ ଏବେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ସରପଞ୍ଚ ଫଗୁଣ ନାୟକ ବିଧିବଦ୍ଧ ଭାବରେ ନବରଙ୍ଗପୁର ବିଜେପି କାର୍ଯ୍ୟାଳୟଠାରେ ସାଂସଦ ପ୍ରାର୍ଥୀ ଙ୍କ ବଳଭଦ୍ର ମାଝୀ ଓ ବିଧାୟକ ପ୍ରାର୍ଥୀ ଗୌରୀ ମାଝୀଙ୍କ ଉପସ୍ଥିତିରେ ବିଜେପି ଦଳରେ ଶୁକ୍ରବାର ଯୋଗ ଦେଇଥିଲେ। ଶନିବାର ସ୍ୱାଧୀନରେ ରହିବି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଶ୍ରୀ ନାୟକ। ନବରଙ୍ଗପୁର ନିର୍ବାଚନମଣ୍ଡଳୀରେ ଅନେକ ଦଳ ଅଦଳବଦଳ ଦେଖିବାକୁ ମିଳୁଛି। କିଛି ଦିନ ପରେ ନନ୍ଦାହାଣ୍ଡି ବ୍ଲକର ମେଣ୍ଟ୍ରି ଗ୍ରାମପଞ୍ଚାୟତର ନାଏବ ସରପଞ୍ଚ ବି ଦଳକୁ ଚକୁଳି ପରି ଓଲଟେଇ ଦେଇଥିବାର ଦେଖିବାକୁ ମିଳିଛି। ଏହାଦ୍ୱାରା ନେତାଙ୍କ ଉପରେ କର୍ମୀଙ୍କ ବିଶ୍ୱାସ ଓ ଭରସା ରହୁ ନଥିବା ଶୁଣିବାକୁ ମିଳିଛି। ବିଜେପି ଗ୍ୟାରେଣ୍ଟିରେ ପଡ଼ାଲଗୁଡା ସରପଞ୍ଚ ରହି ପାରି ନଥିବା ସେ କହିଛନ୍ତି। ତାଙ୍କ କର୍ମୀମାନଙ୍କ ସହ ସ୍ୱାଧୀନରେ ରହିବି ଆଉ ସ୍ୱାଧୀନରେ କାମ କରିବି ବୋଲି ସେ ଶନିବାର କହିଛନ୍ତି।



# ଦିବ୍ୟଦାନଙ୍କ ଉପରୁ ନିଲମ୍ବନ ଉଠାଇଲା ବିଜେଡି

**ନବରଙ୍ଗପୁର, ୧୩।୪ (ସମିସ):** ନନ୍ଦାହାଣ୍ଡି ବ୍ଲକର ଜଣେ ବରିଷ୍ଠ ନେତା ଦିବ୍ୟଦାନ ସୁନାଙ୍କ ଉପରୁ ନିଲମ୍ବନକୁ ବିଜୁ ଜନତା ଦଳ (ବିଜେଡି) ପ୍ରତ୍ୟାହାର କରିଛି। ଏ ସମ୍ପର୍କରେ ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ରମେଶଚନ୍ଦ୍ର ମାଝୀ ସୂଚନା ଦେଇଛନ୍ତି। ଶ୍ରୀ ସୁନା ୧୯୮୫ ରୁ ବର୍ତ୍ତମାନ ଯାଏଁ ଦୀର୍ଘବର୍ଷ ହେବ ଜନପ୍ରତିନିଧି ହିସାବରେ ଜନତାଙ୍କ ସେବା କରି ଆସୁଛନ୍ତି। ସେ ପ୍ରଥମେ ପଡ଼ାଲଗୁଡ଼ାର ସରପଞ୍ଚ, ସମିତିସଭ୍ୟ, ସିନ୍ଧିଗୁଡା ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ବ୍ଲକ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରି ସାରିଛନ୍ତି। ବିଜେଡିରେ ଜିଲ୍ଲା ଉପସଭାପତି ପଦରେ କାର୍ଯ୍ୟ କରୁଥିବା ବେଳେ ୨୦୨୨ ପଞ୍ଚାୟତ ନିର୍ବାଚନରେ ତାଙ୍କୁ ବିଜେଡି ଟିକଟ ନ ଦେବା ପରିବର୍ତ୍ତେ ନନ୍ଦାହାଣ୍ଡି ଜୋନ୍-୧ ନିମନ୍ତେ ଅନ୍ୟଜଣଙ୍କୁ ପ୍ରାର୍ଥୀ କରି ଟିକଟ ଦେଇଥିଲା। ଏଥିରେ ଅସନ୍ତୋଷ ବ୍ୟକ୍ତ କରି ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ସେ ସ୍ୱାଧୀନ ଭାବରେ ଜିଲ୍ଲା ପରିଷଦ ସଭ୍ୟ ଭାବେ ଲଢ଼ିଥିଲେ। ପରବର୍ତ୍ତୀ ସମୟରେ ବିଜେଡିରୁ ତାଙ୍କୁ ନିଲମ୍ବନ କରାଯାଇଥିଲା। ଏହାପରେ ଉକ୍ତ ନିର୍ବାଚନରେ ବିଜୟୀ ମଧ୍ୟ ହୋଇଥିଲେ। ବର୍ତ୍ତମାନ ଶ୍ରୀ ସୁନା ନନ୍ଦାହାଣ୍ଡି ଜୋନ୍-୧ ଜିଲ୍ଲା ପରିଷଦ ସଦସ୍ୟ ଅଛନ୍ତି।



# ବିଜେଡିରେ ସାମିଲହେଲେ କଂଗ୍ରେସ ଓ ବିଜେପିର ଶତାଧିକ କର୍ମୀ

**କୋରାପୁଟ,୧୩।୪(ସମିସ):** ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀଙ୍କ କୋରାପୁଟ ସ୍ଥିତ ବାସଭବନରେ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶମନ୍ତପୁର ବ୍ଲକର ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗଦେଇଥିବା ଜିଲ୍ଲା ବିଜେଡି ଉପସଭାପତି ନାରାୟଣ ବିଶୋଇ କହିଛନ୍ତି। ଗୋଟିଏ ଦିନରେ ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଡୁମ୍ବାଗୁଡ଼ା ପଞ୍ଚାୟତର କଂଗ୍ରେସ କର୍ମୀ, ଲକ୍ଷ୍ମୀପୁର ସଦର ମହକୁମାରୁ କଂଗ୍ରେସ ଓ ବିଜେପି କର୍ମୀ, ଛୋଟାଗୁଡ଼ା, ପୋଡ଼ାଗଡ଼, ବିଲାନସିଲ, ମୁଜାଙ୍ଗ ଓ ଲକ୍ଷ୍ମୀପୁର ବ୍ଲକର ଅନେକ କଂଗ୍ରେସ ଓ ବିଜେପି କର୍ମୀ ବିଜୁ ଜନତା ଦଳରେ ଯୋଗ ଦେଇଥିବା ସେ କହିଛନ୍ତି। ଆଗାମୀ ଦିନରେ ଭୁବନେଶ୍ୱରଠାରେ ଅନ୍ୟ ଦଳର ନେତା ଓ କର୍ମୀମାନେ ବିଜୁ ଜନତା ଦଳରେ ଯୋଗଦେବାକୁ ଯାଉଥିବା ସେ କହିଛନ୍ତି। ଏହାଦ୍ୱାରା ବିଜେଡିର ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ନାରାୟଣ ବିଶୋଇ କହିଛନ୍ତି। ଦଳୀୟ ଉତ୍ତରୀୟ ସହ ଫୁଲମାଳ ଦେଇ ନୂତନ ଭାବେ ଯୋଗ ଦେଇଥିବା କର୍ମୀଙ୍କୁ ସ୍ୱାଗତ କରାଯାଇଥିଲା। ଏହି ମିଶ୍ରଣ ପର୍ବରେ ଦଶମନ୍ତପୁର ବ୍ଲକ୍ ବିଜେଡି ସଭାପତି ମହେନ୍ଦ୍ର କୁଳଦୀପ, ଲକ୍ଷ୍ମୀପୁର ଅଫିସିଆଲ ପର୍ଯ୍ୟବେକ୍ଷକ ପିଙ୍କନ ସାହୁଙ୍କ ସମେତ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ନେତା ଓ କର୍ମୀ ଉପସ୍ଥିତ ଥିଲେ।




ରାୟଗଡ଼ା ଜିଲ୍ଲାରେ ଶତ ପ୍ରତିଶତ ମତଦାନ ନିମନ୍ତେ ଜିଲ୍ଲାପାଳଙ୍କ ପ୍ରୟାସ

# ଡଙ୍ଗରିଆଙ୍କ ପୋଷ୍ଟର ଓ ସୌରା ଚିତ୍ରକଳାରେ ମଣ୍ଡିତ ଲୋଗୋ ଲୋକାର୍ପିତ

ରାୟଗଡ଼ା,୧୩।୪(ସମିସ)





ରାୟଗଡ଼ା ଜିଲ୍ଲାର ତିନିଟି ନିର୍ବାଚନ ମଣ୍ଡଳୀରେ ଆଗାମୀ ମେ' ୧୩ ତାରିଖ ଦିନ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ନିମନ୍ତେ ଅତଦାନ ଅନୁଷ୍ଠିତ ହେବ। ନିର୍ବାଚନରେ ଯେପରି ଶତ ପ୍ରତିଶତ ମତଦାନ ରହିବ,

● ନିର୍ବାଚନର ବ୍ୟାପକ ପ୍ରଚାରପ୍ରସାର ନିମନ୍ତେ ଆହ୍ୱାନ
● ବାଉଁଶ ବିଞ୍ଚଣାରେ ଲିଖିତ 'ମୁଁ ମିସା ଭୋଟ୍ ଦେବି' ସ୍ଲୋଗାନ

ସବୁ ବର୍ଗର ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ, ଏଥିପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଚେଷ୍ଟିତ ଥିବା ଦେଖିବାକୁ ମିଳିଛି। ଦ୍ୱିତୀୟ ଶନିବାର ଛୁଟି ଦିବସ ଥିଲେ ମଧ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ନିର୍ବାଚନ ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ବାଚନର ବ୍ୟାପକ ପ୍ରଚାରପ୍ରସାର ନିମନ୍ତେ ରାୟଗଡ଼ା ମାଟିର ଗର୍ବ ଓ ଗୌରବ ସୌରା ଚିତ୍ରକଳା ଇଡିତାଲରେ ମଣ୍ଡିତ ଏକ ଲୋଗୋର ଲୋକାର୍ପଣ କରାଯାଇଥିଲା। ଜିଲ୍ଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟବାନ ମହାଜନ ଏହାର ଲୋକାର୍ପଣ କରିଥିଲେ। ଲୋକାର୍ପଣ ସମୟରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ ଓ ତ୍ରିନାଥ ମାଝୀ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ରାୟଗଡ଼ା ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଜିଲ୍ଲା ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ସୂର୍ଯ୍ୟମଣୀ ଭୋଇ, ସହକାରୀ ମୃତ୍ୟୁଞ୍ଜୟ ବରାଳ, ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଓ ନିର୍ବାଚନ ମଣ୍ଡଳୀସ୍ତରୀୟ ତାଲିମଦାତା, ସମସ୍ତ ବିଡିଓ, ତହସିଲଦାର ତଥା ଜିଲ୍ଲାସ୍ତରୀୟ ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଆଦି ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମତଦାତାଙ୍କ ସଚେତନତା ନିମନ୍ତେ ଜିଆଇ ଟ୍ୟାଗ୍ ପ୍ରାପ୍ତ କପଡ଼ାଗୁଣ୍ଡା ପୋଷାକରେ 'ମୁଁ ମିସା ଭୋଟ୍ ଦେବି' ସ୍ଲୋଗାନ ସହ ଡଙ୍ଗରିଆ ଭୋଟରଙ୍କ ପୋଷ୍ଟର ମଧ ଲୋକାର୍ପଣ କରାଯାଇଥିଲା।

ବାଉଁଶ ବିଞ୍ଚଣା ଗ୍ରୀଷ୍ମ ଦିନରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବାସିନ୍ଦା ସଭିଙ୍କ ଆଦର ପାଉଥିବାବେଳେ ରାୟଗଡ଼ା ଉପଜିଲ୍ଲାପାଳଙ୍କ ଦ୍ୱାରା ସି-ଭିଜିଲ, ସକ୍ଷମ ଆପ୍ ଲୋଗୋ ସହ ବିଭିନ୍ନ ସଚେତନତା ସ୍ଲୋଗାନ ସମ୍ବଳିତ ବାଉଁଶ ବିଞ୍ଚଣା ଉଭୟ ଭୋଟର ଏବଂ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆଦୃତ ଓ ପ୍ରଶଂସିତ ହୋଇପାରିଛି। ଉପସ୍ଥିତ ସମସ୍ତ ସାମ୍ବାଦିକ ବନ୍ଧୁଙ୍କୁ ଏହି ଉପହାର ପ୍ରଦାନ କରିବା ସହ ମତଦାତାଙ୍କ ସଚେତନତା ସୃଷ୍ଟିରେ ସେମାନଙ୍କ ଅଦମ୍ୟ ସହଯୋଗକୁ ଜିଲ୍ଲାପାଳ ମନୋଜ ସତ୍ୟବାନ ଉଚ୍ଚ ପ୍ରଶଂସା କରିଥିଲେ। ଭୋଟରଙ୍କ ମତଦାନ ହାର ବୃଦ୍ଧି ନିମନ୍ତେ ବୁଥରେ ପହଞ୍ଚିବାରେ ଅକ୍ଷମ ଥିବା ୮୫ ବର୍ଷରୁ ଊର୍ଦ୍ଧ୍ୱ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପୋଷ୍ଟାଲ ବାଲଟ ବ୍ୟବସ୍ଥା କରାଯାଉଛି। ପ୍ରତି ଅଞ୍ଚଳରେ ଭୋଟର ସଚେତନତା ରଥ ବୁଲି ପ୍ରଚାର କରୁଥିବା ସ୍ଥଳେ ପ୍ରତି ୱାର୍ଡ ଓ ପଡ଼ା ଗ୍ରାମରେ ବୁଥସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ ରାଲି, ପ୍ରତିଯୋଗିତା, ପ୍ଲାକାର୍ଡ ସହ ଘର ଘର ବୁଲି ଶତ ପ୍ରତିଶତ ମତଦାନ ନିମନ୍ତେ ବାର୍ତ୍ତା ପହଞ୍ଚାଉଥିବା ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ପ୍ରକାଶ କରିଛନ୍ତି। ବୁଥସ୍ତରରେ ଆନୁଷଙ୍ଗିକ ସମସ୍ତ ସୁବିଧା ଉପଲବ୍ଧ କରାଇବା ନିମନ୍ତେ ନିର୍ଦ୍ଦେଶ ଦେବା ସହ ଖୋଦ୍ ଜିଲ୍ଲାପାଳ ସୀମାନ୍ତ ସମେତ ଅନେକ ବୁଥ୍ ବୁଲି ବ୍ୟବସ୍ଥାମାନ ପରଖୁଥିବା ଦେଖିବାକୁ ମିଳିଛି। ଚଳିତ ମାସ ୧୪ ଓ ୧୫ ତାରିଖରେ ଜିଲ୍ଲାର ସମସ୍ତ ୨୧୩୨ ଜଣ ପ୍ରିଜାଇଡିଂ ଓ ପ୍ରଥମ ପୁଲିଂ ଅଧିକାରୀଙ୍କ ରିଫ୍ରେସ୍ ତାଲିମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# ଭୋଟର ସଚେତନତା କାର୍ଯ୍ୟକ୍ରମ

**କୋଷାଗୁମୁଡ଼ା,୧୩।୪(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ କୋଡ଼ିଙ୍ଗା ସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ଓ ଭୋଟର ସ୍ୱାକ୍ଷରତା କ୍ଲବ ତରଫରୁ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ଉପାଧ୍ୟକ୍ଷ ବିବେକ କୁମାର ମହାଳିକଙ୍କ ପୌରୋହିତ୍ୟରେ କୋଷାଗୁମୁଡ଼ା ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ତ୍ରିଲୋଚନ ଚଞ୍ଚାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୀମାଞ୍ଚଳ ପଟ୍ଟନାୟକ, ସସ୍ମିତା ପ୍ରଧାନ, ଦେବକୀ ଦିଶାରି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଯୁବ ରେଡକ୍ରସ କାଉନସିଲର ଅଖିଳ କୁମାର ଭଟ୍ଟ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ମଞ୍ଚ ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଅତିଥିମାନେ ଆଗାମୀ ମେ' ୧୩ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ମତଦାନ କରି ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ସହ ସ୍ୱେଚ୍ଛାସେବୀମାନଙ୍କୁ ଦିଆଯାଇଥିବା ଦାୟିତ୍ୱ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଅନୁରୋଧ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ରାକେଶ କୁମାର ମଲ୍ଲିକ, ଈଶ୍ୱର ମାଝୀ, ଯାଦବ ପ୍ରସାଦ ମହାନ୍ତି, ବାବୁଲା ନାୟକଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ରେଡକ୍ରସର ସ୍ୱେଚ୍ଛାସେବୀ 'ମୁଁ ବି ମିତା' ଏବଂ ସମସ୍ତ କର୍ମଚାରୀ ଯୋଗଦେଇଥିଲେ।



# କୋଡ଼ିଙ୍ଗା ପୁଲିସ ପକ୍ଷରୁ ଜୁଆ ଆଡ୍ଡାରେ ଚଢ଼ଉ; ୯ ଗିରଫ

**କୋଷାଗୁମୁଡ଼ା,୧୩।୪(ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ବିଶେଷ ଖବର ପାଇ କୋଡ଼ିଙ୍ଗା ଥାନାଧିକାରୀଙ୍କ ନିର୍ଦ୍ଦେଶ ପ୍ରକାରେ ଏସ୍‌ଆଇ ବିକ୍ରମ କେଶରୀ ସାହୁ ଏବଂ ଏଏସଆଇ ହମିତ ମାଝୀଙ୍କ ଟିମ୍ ସ୍ଥାନୀୟ ଜାହାଜ ଭୋଟା ନିକଟ କାଜୁ ଜଙ୍ଗଲ ମଧ୍ୟରେ ଏକ ଜୁଆ ଆଡ୍ଡା ଉପରେ ଅତର୍କିତ ଚଢ଼ଉ କରିଥିଲେ। ଏହି ଜୁଆ ଆଡ୍ଡା ଚଢ଼ଉରେ ୯ ଜଣ ବ୍ୟକ୍ତିଙ୍କୁ ଗିରଫ କରିବା ସହ ୭ଟି ମୋଟର ସାଇକଲ, ୬ହଜାର ନଗଦ ଟଙ୍କା ସହ ଖେଳ ପାଇଁ ତାସ ଜବତ କରାଯାଇଛି। ଏହି ସମସ୍ତ ବ୍ୟକ୍ତି ବିଶେଷ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି। ପୁଲିସ ଏକ ମାମଲା ରୁଜୁ କରିବା ସହ ୨୯୪ ଆଇପିସି ଧାରାରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି କୋଡ଼ିଙ୍ଗା ଥାନା ଏସ୍‌ଆଇ ଶ୍ରୀ ସାହୁ କହିଛନ୍ତି।

# ରକ୍ଷଣାବେକ୍ଷଣ ଅଭାବ; ସୌନ୍ଦର୍ଯ୍ୟ ହରାଉଛି ହନୁମାନ ବାଟିକା

**ବୈପାରୀଗୁଡ଼ା,୧୩।୪(ସମିସ)**





ଲଣ୍ଡା ପାହାଡ଼ ଭାବେ ପଡ଼ିଥିବା ଏକ ନିଶ୍ଚିହ୍ନ ପର୍ବତକୁ ଇଚ୍ଛାଶକ୍ତି ବଳରେ ଜଣେ ପ୍ରଶାସନିକ ଅଧିକାରୀ ଜଙ୍ଗଲ ସୃଷ୍ଟି କରି ଏକ ଆକର୍ଷଣୀୟ ସ୍ଥଳ ତିଆରି କରିଥିଲେ। ସେହି ଅଧିକାରୀ ଜଣକ ବଦଳି ହେଲା ପରେ ଉକ୍ତ ସ୍ଥଳଟି ରକ୍ଷଣାବେକ୍ଷଣ ଅଭାବରୁ ସୌନ୍ଦର୍ଯ୍ୟ ହରାଇଛି।

ବୈପାରୀଗୁଡ଼ା ବ୍ଲକ୍ ସଦର ଗୁଣ୍ଠାଗୁଡ଼ା ଗ୍ରାମ ନିକଟ ଜଙ୍ଗଲରେ ଗୋଟିଏ ବି ବୃକ୍ଷ ନ ଥିଲା। ପର୍ବତଟି ଲଣ୍ଡା ହୋଇ ପଡ଼ିରହିଥିଲା। ସେହି ଗ୍ରାମର ଜଣେ ବ୍ୟକ୍ତି ରଜତ କୁମାର ବାଘ ଉକ୍ତ ପର୍ବତ ନିକଟରେ ଏକ ହନୁମାନଙ୍କ ମୂର୍ତ୍ତି ସ୍ଥାପନ କରି ପୂଜା କରୁଥିଲେ। ତତ୍କାଳୀନ ବନାଞ୍ଚଳ ଅଧିକାରୀ କେ. ଉମା ମହେଶ ଏହି ଥୁଣ୍ଟା ପର୍ବତ ସହ ହନୁମାନ ମୂର୍ତ୍ତି ଦେଖି ଜଙ୍ଗଲ ସୃଷ୍ଟି ସହ ସୌନ୍ଦର୍ଯ୍ୟକରଣ ପାଇଁ ମନ ବଳାଇଥିଲେ। ସହରୀ ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ୨୦୧୮-୧୯ ଆର୍ଥିକ ବର୍ଷରେ ୩ ହେକ୍ଟର ପର୍ବତରେ ୪ ହଜାର ମୂଲ୍ୟବାନ ଚାରାରୋପଣ କରିଥିଲେ ଏବଂ ଏହା ହନୁମାନ ବାଟିକା ନାମରେ ନାମିତ ହୋଇଥିଲା। ଏଠାରେ ଆଲୋକୀକରଣ ସହ ପୋଖରୀର ସୌନ୍ଦର୍ଯ୍ୟକରଣ, ଲୋକଙ୍କ ବସିବା ପାଇଁ ଚୌକି ସହ ରଙ୍ଗବେରଙ୍ଗର ଲାଇଟ୍ ଲଗାଯାଇ ଏହାର ସୌନ୍ଦର୍ଯ୍ୟକରଣ ସହ ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ଏକ ଘର ଓ ସୁରକ୍ଷା କର୍ମୀ ନିୟୋଜିତ କରାଇଥିଲେ। ଏହା ସହ ହନୁମାନ ବାଟିକାରେ ୪୦୦୦ ଗଛ ଏବଂ ଏହାର ସୌନ୍ଦର୍ଯ୍ୟ ଓ ହନୁମାନଙ୍କ ଉଚ୍ଚ ମୂର୍ତ୍ତି ଦେଖିବା ପାଇଁ ସକାଳ ସଞ୍ଜରେ ବହୁ ଲୋକଙ୍କ ସମାଗମ ହୋଇଥାଏ। କିନ୍ତୁ ଦୁଇ ବର୍ଷ ପରେ ବନାଞ୍ଚଳ ଅଧିକାରୀ ମହେଶଙ୍କ ବଦଳି ପରେ ଏହି ହନୁମାନ ବାଟିକାଟି ତା'ର ସୌନ୍ଦର୍ଯ୍ୟ ହରାଇ ବସିଛି। ରକ୍ଷଣାବେକ୍ଷଣ ଅଭାବରୁ ବାଟିକାରେ ଅନାବନା ଗଛ ଉଠିବା ସହ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳି ପାଲଟିଛି। ଏହାସହ ପୋଖରୀର ଲାଇଟ୍ ଜଳୁନାହିଁ। ପୋଖରୀ ପାଣିରେ ଆବର୍ଜନା ପଡ଼ି ନଷ୍ଟ ହୋଇଯାଇଛି। ଏହା ସହ ସମସ୍ତ ଲାଇଟ୍ ଖରାପ ହୋଇଯାଇଥିବାରୁ ସନ୍ଧ୍ୟା ସମୟରେ ପୂରା ଅନ୍ଧାର ହୋଇଯାଉଛି। ଏ ନେଇ ବର୍ତ୍ତମାନର ବନାଞ୍ଚଳ ଅଧିକାରୀଙ୍କୁ ଏହାର ପୁନଃଉଦ୍ଧାର ସହ ରକ୍ଷଣାବେକ୍ଷଣ ପାଇଁ ବାରମ୍ବାର ଗ୍ରାମବାସୀ ନିବେଦନ କଲେ ସୁଦ୍ଧା ଆନ୍ତରିକତା ଅଭାବ ଓ ଉଦାସିନତା ମନୋଭାବ ଯୋଗୁଁ ଦୃଷ୍ଟି ଦେଉନାହାନ୍ତି। ଯାହା ଫଳରେ ଲକ୍ଷାଧିକ ଟଙ୍କା ବିନିଯୋଗ ହୋଇ ତିଆରି ହୋଇଥିବା ହନୁମାନ ବାଟିକାଟି ଏବେ ଧ୍ୱଂସ ହେବା ସହ ସୌନ୍ଦର୍ଯ୍ୟ ହରାଇବାରେ ଲାଗିଛି। ଏହାର ପୁନରୁଦ୍ଧାର ପାଇଁ ସାଧାରଣରେ ଦାବି ହୋଇଛି।

# ପକନାଗୁଡ଼ା ଜଙ୍ଗଲରୁ ୧୩୧ କେଜି ଗଞ୍ଜେଇ ଜବତ




**ମାଥିଲି, ୧୩।୪ (ସମିସ):** ଗଞ୍ଜେଇ ମାଫିଆମାନେ ବିଭିନ୍ନ ଉପାୟରେ ଅନେକ ସମୟରେ ମାଲକାନଗିରି ଜିଲ୍ଲାରୁ ବାହାର ରାଜ୍ୟକୁ ଚୋରା ଚାଲାଣ କରୁଛନ୍ତି। ମାଲକାନଗିରି ପୁଲିସ ବିଭିନ୍ନ ଉପାୟରେ ଏହି ଚାଲାଣକାରୀଙ୍କୁ ଗିରଫ କରିବାରେ ସଫଳ ମଧ୍ୟ ହେଉଛି। ଚୋରା ଚାଲାଣ ହ୍ରାସ ପାଉ ନଥିବା ବେଳେ ଶୁକ୍ରବାର ଦିନ ୧୧ଟାରୁ ୧୨ଟା ମଧ୍ୟରେ ମାଥିଲି ଥାନାଧିକାରୀ ଦେବଦତ୍ତ ମଲ୍ଲିକଙ୍କ ନେତୃତ୍ୱରେ ପାକନାଗୁଡା ଜଙ୍ଗଲ ନିକଟରୁ ଗଞ୍ଜେଇ ଜବତ କରାଯାଇଛି। ପାଟ୍ରୋଲିଂ ଟିମ ଯାଞ୍ଚ କରିବାରୁ ୫ଟି ଜରି ବସ୍ତାରେ କିଛି ରଖାଯାଇଛି ବୋଲି ଜାଣିବାକୁ ପାଇଥିଲେ। ତୁରନ୍ତ ସେହି ବସ୍ତାଗୁଡିକୁ ଜବତ କରିବା ସହ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବରେ ମାଥିଲି ଅତିରିକ୍ତ ତହସିଲଦାର ବ୍ରଜବିହାରୀ ପ୍ରଧାନଙ୍କ ଉପସ୍ଥିତିରେ ସମସ୍ତ ବସ୍ତା ଖୋଲାଯାଇ ଓଜନ କରାଯାଇଥିଲା। ସେଥିରୁ ୧୩୧ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏହି ମାମଲାର ସବିଶେଷ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ



**କାଶୀପୁର,୧୩।୪(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶ୍ରୀଗୁଣ୍ଡିଚା ବିହାର ପରିସରରେ ଶନିବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କାଶୀପୁରଠାରେ ପ୍ରଥମ ଶ୍ରେଣୀର 'ଘର ହିଁ ବିଦ୍ୟାଳୟ' ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। ଏଠାରେ ମୁଖ୍ୟ ଅତିଥିଭାବରେ ବିଦ୍ୟାଳୟର ପୂର୍ବତନ ଆଚାର୍ଯ୍ୟା, ପୂର୍ବତନ ପରିଚାଳନା ସମିତି ସଦସ୍ୟା ଓ ଅଭିଭାବିକା ଅଞ୍ଜୁମାଳା ବୈଦ୍ୟ ଏବଂ ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ସଭାପତି ପଦ୍ମ ଲୋଚନ ମିଶ୍ର ଯୋଗଦେଇଥିଲେ। ଶିଶୁ ଭାଇଭଉଣୀମାନେ ସୁନ୍ଦର ସ୍ୱାଗତ ସଙ୍ଗୀତ ଗାନ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଗୀତାରାଣୀ ସାହୁ 'ସମଗ୍ର ଶିକ୍ଷାରେ ପରିବାରର ଭୂମିକା' ବିଷୟରେ ଉପସ୍ଥାପନା କରିଥିଲେ। ପ୍ରଥମ ଶ୍ରେଣୀରେ ଶିକ୍ଷାଦାନ ଦେଉଥିବା ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା ଶିକ୍ଷାଦାନ ହେଉଥିବା ପୁସ୍ତକ ଉପରେ ଆଲୋଚନା ହୋଇ ଶେଷ କଳାଂଶଟି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଅଭିଭାବିକା ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ।

# ଅଣସଂକ୍ରାମକ ରୋଗ ଚିହ୍ନଟ ଶିବିର

**ଉମରକୋଟ, ୧୩।୪(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ନିକଟସ୍ଥ ଡିଏନକେଠାରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ ଆଣ୍ଡ ୱେଲନେସ୍ କେନ୍ଦ୍ର ପକ୍ଷରୁ ପୌର ପରିଷଦସ୍ଥିତ ୧୩ ନଂ ୱାର୍ଡ ଏସ୍‌ଟି କଲୋନୀଠାରେ ଏକ ଅଣସଂକ୍ରାମକ ରୋଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ହାଇପର ଟେନସନ, ଡାଇବେଟିସ୍ ଏବଂ ଅନ୍ୟ ରୋଗ ଥିବା ୯୫ ଜଣଙ୍କର ଚିକିତ୍ସା କରାଯାଇଥିଲା। ଶିବିରରେ ଡା. ଚନ୍ଦନ ଚୈଧୁରୀ, ଫାର୍ମାସିଷ୍ଟ ଉତ୍ପଳ ଦତ୍ତ, ଆକାଉଟେଣ୍ଟ ଜଷ୍ଟିନ ରାଜ, ଲ୍ୟାବ ଟେକ୍ନିସିଆନ ଜୀବନ ମହାପାତ୍ର, ଭୁବନ ତନ୍ତୀ, ଏଏନ୍‌ଏମ୍ ରିନା ରାଣୀ ସିଂ, ଆଶାକର୍ମୀ ମାର୍ଗାରେଟ ନାଗ, ଅଙ୍ଗନବାଡି କର୍ମୀ ସଞ୍ଜୁକ୍ତା ତୁରୁକ ଓ ହେଲ୍ପର ଧନମତି ଭତ୍ରା ୧୩ ନଂ ୱାର୍ଡର ବୁଦ୍ଧିଜୀବୀ ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।




# ପଥଚାରୀଙ୍କ ପାଇଁ ମୁଣ୍ଡବ୍ୟଥା ପାଲଟିଛି 'ଫାଜର'



**କୋଷାଗୁମୁଡ଼ା, ୧୩।୪(ସମିସ):** ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକର ପ୍ରତ୍ୟେକ ପଞ୍ଚାୟତର ଗାଁଗହଳିରେ ଆଦିବାସୀ ଲୋକ ବର୍ଷକୁ ଏହି ନୂଆ ଆମ୍ବଖିଆ ପରବ ଚୈତ୍ର ଓ ବୈଶାଖ ମାସରେ କରିଥାନ୍ତି। ଏହି ପର୍ବର ୨ ଦିନ ପାଳନ ସମୟରେ ନିଜ ନିଜ ଗାଁର ମୁଖ୍ୟରାସ୍ତାରେ ଏକ ବାଉଁଶ କିମ୍ବା ଦୌଡ଼ି ସାହାଯ୍ୟରେ ରାସ୍ତା ଅବରୋଧ କରି ସେହିରାସ୍ତାର ଉଭୟ ପକ୍ଷରୁ ଆସୁଥିବା ମୋଟର ସାଇକଲ, ସାଇକଲ, ବସ, ଭେନ୍, ପିକଅପଗୁଡିକର ଯାତ୍ରୀ ଓ ଚାଳକଙ୍କଠାରୁ କିଛି ଟଙ୍କା ଫାଜର ବୋଲି ମାଗିଥାନ୍ତି। ଯାହା ପଥଚାରୀଙ୍କ ପାଇଁ ମୁଣ୍ଡବ୍ୟଥା ପାଲଟିଛି। ଫାଜର ଯେଉଁମାନେ ଦିଅନ୍ତି ସେମାନଙ୍କୁ ରାସ୍ତା ଛାଡ଼ିଥାନ୍ତି। ଏହି ପରବ ପୁରାତନ ଦିନରୁ ଚାଲିଆସିଛି। କିଛି ବର୍ଷ ଆଗରୁ ଏତେଟା ଫାଜର ମାଗିବା ସଂଖ୍ୟା ବୃଦ୍ଧି ହୋଇ ନଥିଲା। ଚଳିତବର୍ଷ ପ୍ରତ୍ୟେକ ଗାଁ ଗହଳିରେ ୨୦-୩୦ ଦଳ ହୋଇ ଟଙ୍କା ଆଦାୟ କରୁଥିବା ଦେଖିବାକୁ ମିଳିଛି। ରାସ୍ତାରେ ଯାଉଥିବା ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାର ମିଳିଛି। ଏହା ଏକ ମନୋରଞ୍ଜନ ମାଧ୍ୟମଠାରୁ ଅଲଗା ଦିଗକୁ ଗତି କରୁଛି ବୋଲି ଯାତ୍ରୀମାନେ ମତ ପ୍ରକାଶ କରିଛନ୍ତି। ଜରୁରିକାଳୀନ ପରିସ୍ଥିତିରେ ଏଭଳି ଗୋଟିଏ କିଲୋମିଟରରେ ୯ଟି ଲେଖାଏଁ ଫାଜର ଫାଟକ ଥିଲେ, ଯାତ୍ରୀ କେତେ ଜଣଙ୍କୁ ଟଙ୍କା ଦେଇ ଖୁସି କରିବେ ପଥଚାରୀମାନେ କହିଛନ୍ତି। ଅନ୍ୟପକ୍ଷରେ ସ୍ୱଳ୍ପ ଦୂରତାରେ ୯ ଫାଜର ଫାଟକ ପଥଚାରୀଙ୍କ ପାଇଁ ମୁଣ୍ଡବ୍ୟଥା ସାଜିଛି। ଏହି ଟଙ୍କା ମାଗିବା ବେଳେ କେହି କିଛି କମ୍ ଟଙ୍କା ଦେଲେ, ଯୁକ୍ତିତର୍କ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି। ଏହାପ୍ରତି ସ୍ଥାନୀୟ ପୁଲିସ ଧ୍ୟାନ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଥିବା ଜଣାପଡ଼ିଛି।

# ଜିଲ୍ଲା ଇପିଏଫ୍ ସଂଘର ମାସିକ ବୈଠକ



**ଜୟପୁର, ୧୩।୪ (ସମିସ):** ଜୟପୁରସ୍ଥିତ ଯାଦବ ଭବନରେ ଅଲ୍ ଓଡ଼ିଶା ଇପିଏଫ୍ ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ମାସିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶାଖା ସଭାପତି ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ସର୍ବନିମ୍ନ ପେନ୍‌ସନ୍ ପ୍ରଦାନ ପାଇଁ ଏକ ମୋକଦ୍ଦମା ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ରୁଜୁ କରିଥିବା ନେଇ ଆଲୋଚନା ହୋଇଥିଲା। ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଏହି ଆବେଦନକୁ ଗ୍ରହଣ କରିବା ସହ କେନ୍ଦ୍ର ସରକାରଙ୍କ ଶ୍ରମ ମନ୍ତ୍ରାଳୟଙ୍କ ସଚିବଙ୍କୁ ନୋଟିସ ଜାରୀ କରିଥିବା ନେଇ ଏହି ବୈଠକରେ ସ୍ପଷ୍ଟ କରାଯାଇଥିଲା। ଜିଲ୍ଲା ଶାଖା ସଂଘର ଆର୍ଥିକ ସ୍ଥିତି ଏବଂ ଆସନ୍ତା ମେ ମାସରେ ନିର୍ବାଚନ ବୈଠକକୁ ସ୍ଥଗିତ ରଖାଯିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଉମାକାନ୍ତ ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

# ଏନ୍‌ଏସ୍‌ଏରେ ୨ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

**ଜୟପୁର,୧୩।୪(ସମିସ):** କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ଦୁର୍ଦ୍ଦାନ୍ତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଯାଇଛି। ଶନିବାର ଜୟପୁର ସଦର ଥାନା ପୁଲିସ ପକ୍ଷରୁ ହତ୍ୟା ଉଦ୍ୟମ, ଡକାୟତି, ଧମକଚମକ ଦେବା ସହିତ ଟଙ୍କା ଆଦାୟ କରିବା ପ୍ରଭୃତି ଜଘନ୍ୟ ମାମଲାରେ ଜଡ଼ିତ ଉମୁରି ଗ୍ରାମର ହୃଦାନନ୍ଦ ନାୟକ (୩୦) ଏବଂ ସଞ୍ଜୟ ସୁନା (୩୫)ଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ର ଧାରାରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଦୁଇ ଜଣଙ୍କ ବିରୋଧରେ ଧାରା ୧୧୦ ଆଇପିଏସରେ ନୋଟିସ୍ ଜାରି କରାଯାଇଥିଲା। କାର୍ଯ୍ୟକାରୀ ମାଜିଷ୍ଟ୍ରେଟ ଉପଜିଲ୍ଲାପାଳ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ସଦର ଥାନା ଏବଂ ଟାଉନ୍ ଥାନା ଅଞ୍ଚଳର କିଛି ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଏନ୍‌ଏସ୍‌ଏରେ ଗିରଫ କରାଯିବ ବୋଲି ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।







# ଅନନ୍ତ ବିଦ୍ୟାପୀଠରେ ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କୁନ୍ଦୁରା,୧୩।୪(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍ ଡଙ୍ଗରପାଉଁଶି ଗ୍ରାମ ପଞ୍ଚାୟତ ସଦର ମହକୁମାଠାରେ ଅବସ୍ଥିତ ଅନନ୍ତ ବିଦ୍ୟାପୀଠରେ ଦୀର୍ଘ ୩୩ ବର୍ଷ ଶିକ୍ଷାଦାନ କରି ଅବସର ଗ୍ରହଣ କରିଛନ୍ତି ଦୁଇ ଶିକ୍ଷକ। ଏହି ଅବସରରେ ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଦାୟୀ ଦୁଇ ଶିକ୍ଷକ ବିଜୟ କୁମାର ଭଟ୍ଟ ଏବଂ ଅକ୍ଷୟ କୁମାର ଖୁଣ୍ଟିଆଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଠାରେ ୧୯୯୧ ମସିହାରେ ଏହି ଅନୁଷ୍ଠାନ ପ୍ରତିଷ୍ଠା ଲାଭ କରିଥିବାବେଳେ ଏହି ଶିକ୍ଷକମାନେ ଏଠାରେ ଯୋଗଦେଇଥିଲେ। ଦୀର୍ଘ ବର୍ଷ ଧରି ଏଠାରେ ବିନା ଦରମାରେ କାର୍ଯ୍ୟ କରି ବିଦ୍ୟାଳୟକୁ ଜିଲ୍ଲାସ୍ତରରେ ପହଞ୍ଚାଇବାରେ ଏମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ଶିକ୍ଷାବିତ୍ ପଞ୍ଚାନନ ଗୌଡ଼, ଅବସରପ୍ରାପ୍ତ ଶିକ୍ଷକ ଉଦୟନାଥ ସାହୁ, ଅନୁଷ୍ଠାନର ସଭାପତି ଉମାକାନ୍ତ ମିଶ୍ର, ଲାଛନାଗୁଡ଼ା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମକୃଷ୍ଣ ସାବତ, ପୂର୍ବତନ ସଭାପତି ରାଧାନାଥ ଭଟ୍ଟ, ସମ୍ପାଦକ ଅଖିଳ ଭଟ୍ଟ, ଗଣେଶ୍ୱର ଶତପଥୀ ଏବଂ ପ୍ରଧାନଶିକ୍ଷକ ଅଖିଳ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅବସର ନେଇଥିବା ପ୍ରଧାନଶିକ୍ଷକ ବିଜୟ କୁମାର ଭଟ୍ଟ ଏବଂ ହିନ୍ଦୀ ଶିକ୍ଷକ ଅକ୍ଷୟ କୁମାର ଖୁଣ୍ଟିଆଙ୍କୁ ମାନପତ୍ର ଓ ଉପଢୌକନ ଦେବା ସମୟରେ ଭାବବିହ୍ୱଳ ହୋଇପଡ଼ିଥିଲେ। ଏଥି ସହିତ ଅନୁଷ୍ଠାନରେ କାର୍ଯ୍ୟରତ ଥାଇ ପ୍ରାଣ ହରାଇଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ଫୁଲଦାସ ଗୌଡ଼ଙ୍କ ପୁଅଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପୂର୍ବତନ ଛାତ୍ର ସନ୍ତୋଷ କୁମାର ପ୍ରହରାଜ, ସୁଜିତ ଶତପଥୀ, ଶ୍ରୀକାନ୍ତ ଶତପଥୀ, ଲଛ ମନଭତ୍ରା, ବସନ୍ତ ଭଟ୍ଟ, ଡ. ଶ୍ରୀକାନ୍ତ ଶତପଥୀ, ବିକ୍ରମ ଭଟ୍ଟ, କାହ୍ନୁ ଚରଣ ଶତପଥୀ, ସଞ୍ଜୟ ସାନ୍ତ୍ରା, ପ୍ରଶାନ୍ତ କୁମାର ପାଢ଼ୀ, ସରୋଜ କୁମାର ମିଶ୍ର, ଜୀବନ ଭଟ୍ଟ, ପିଣ୍ଟୁ ପଣ୍ଡା, ଚନ୍ଦ୍ରମୋହନ ସେଠୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଉଁଲିଗୁମ୍ମା ଐତିହାସିକ ବାଲିଯାତ୍ରା ଉଦ୍‌ଯାପିତ

# ବାଲି ଟାଙ୍ଗୁଡ଼ି, ଲଙ୍ଗଳ, କୋଦାଳ ଧରି ନଗର ପରିକ୍ରମା

**ତେନ୍ତୁଲିଖୁଣ୍ଟି,୧୩।୪(ସମିସ)**



ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଲମତାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଆଉଁଲିଗୁମ୍ମା ଗ୍ରାମରେ ଉଦଯାପିତ ହୋଇଯାଇଛି ଐତିହାସିକ ବାଲିଯାତ୍ରା। ୯ ଦିନ ଧରି ଚାଲିଥିବା ଯାତ୍ରାର ଅନ୍ତିମ ଦିନରେ ସମ୍ପୂର୍ଣ୍ଣ ଗ୍ରାମ ଉତ୍ସବମୁଖର ହେବା ସାଙ୍ଗକୁ ଚଳଚଞ୍ଚଳ ପରିବେଶ ଦେଖିବାକୁ ମିଳିଥିଲା। ବାଲିଯାତ୍ରା ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିବାବେଳେ ଏହି ପର୍ବ ପାଳନ କଲେ ଗ୍ରାମରେ ସୁଖଶାନ୍ତି ଏବଂ ଭାଇଚାରା ବଜାୟ ରହିବା ସହ ବିଭିନ୍ନ ମହାମାରୀରୁ ଗ୍ରାମବାସୀଙ୍କୁ ନିସ୍ତାର ମିଳୁଥିବା ନେଇ ଅନାଦି କାଳରୁ ଲୋକଙ୍କ ବିଶ୍ୱାସ ରହିଆସିଛି। ଯାତ୍ରାର ଶେଷ ଦିନରେ ଗ୍ରାମବାସୀ ହାତରେ ବାଲି ଟାଙ୍ଗୁଡ଼ି ଧରି ଏକ ବିରାଟ ପଟୁଆରରେ ନଗର ପରିକ୍ରମା କରିଥିଲେ। ଶତାଧିକ ମହିଳା ଏବଂ ପୁରୁଷ ବାଲି ଟାଙ୍ଗୁଡ଼ି ସାଙ୍ଗକୁ ଲଙ୍ଗଳ, କୋଦାଳ, କଟୁରି, ଦା' ଆଦି ଧରି ପଟୁଆରରେ ନଗର ପରିକ୍ରମା କରିଥିବା ଦେଖିବାକୁ ମିଳିଥିଲା। ନାଚ ଗୀତର ତାଳେ ତାଳେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଣ୍ଡ ଉପରେ ନିର୍ବାଚନ ଥିବାରୁ ତିନି ପ୍ରମୁଖ ଦଳର ପ୍ରାର୍ଥୀ ଲୋକଙ୍କ ନିକଟତର ହେବାର ଏହି ସୁଯୋଗ ହାତଛଡ଼ା ନ କରି ଆଉଁଲିଗୁମ୍ମାରେ ପହଞ୍ଚିଥିଲେ। ପ୍ରାର୍ଥୀଙ୍କ ସହିତ ସମର୍ଥକଙ୍କ ଭିଡ଼ ମଧ୍ୟ ନଜରକୁ ଆସିଥିଲା।

# ଅନ୍ନପୂର୍ଣ୍ଣା ପାଠାଗାରର ଲୋକାର୍ପଣ ଉତ୍ସବ



ଜୟପୁର, ୧୩।୪ (ସମିସ): କୋରାପୁଟ ଜିଲ୍ଲା ଜୟପୁର ବକ୍ସିସାହିସ୍ଥିତ ତ୍ରିନାଥ ସେବା ପରିଷଦ ପକ୍ଷରୁ ଅନ୍ନପୂର୍ଣ୍ଣା ପାଠାଗାରର ଲୋକର୍ପଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜୟପୁର ଏସଡିପିଓ ଅଙ୍କିତ ବର୍ମା ଏହାକୁ ଉଦଘାଟନ କରିଥିବା ବେଳେ ପ୍ରତିଷ୍ଠା ପୂଜା ଉତ୍ସବରେ ଯୋଗ ଦେଇଥିଲେ। ତିନି ମହଲା ବିଶିଷ୍ଟ ଏହି ପାଠାଗାର ନିର୍ମାଣ ପାଇଁ ପୂର୍ବତନ ବିଧାୟକ ରବିନାରାୟଣ ନନ୍ଦ ଏବଂ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ବିଧାୟକ ପାଣ୍ଠିରୁ କିଛି ଅର୍ଥ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ସାହିବାସିନ୍ଦା ତଥା ପାଠାଗାରର ସଭାପତି ପରେଶ ରଥ ଏହି ତିନି ମହଲା ଭବନରେ ମୁଖ୍ୟ ପାଣ୍ଠିଦାତା ରହିଛନ୍ତି। ଏହି ପାଠାଗାରରେ କ୍ୟାରମ, ଚେସ୍, ବ୍ୟାୟାମଶାଳା ଏବଂ ସଭାକାର୍ଯ୍ୟ, ଭୋଜିଭାତ ପାଇଁ ବ୍ୟବସ୍ଥା ରହିଛି। ପ୍ରାୟ ଏକ କୋଟି ଟଙ୍କାର ଏହି ପାଠାଗାର ଭବନ ନିର୍ମାଣ କରାଯାଇଛି। ସଭାପତି ଶ୍ରୀ ରଥ, ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର, ଅମ୍ରିତ ରଥ, ସୁରେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ସାହିର ଧର୍ମପରାୟଣ ମହିଳା ଅନ୍ନପୂର୍ଣ୍ଣା ଦେବୀଙ୍କ ନାମରେ ନାମିତ କରାଯାଇଛି। ଏହାର ପରିଚାଳନା ଦାୟିତ୍ୱ ଅନ୍ନପୂର୍ଣ୍ଣା ଚାରିଟେବଲ ଟ୍ରଷ୍ଟ ଦ୍ୱାରା ଆୟୋଜିତ ପ୍ରତିଷ୍ଠା ଉତ୍ସବ ଏବଂ ହନୁମାନ ଚାଲିଶା ଅନୁଷ୍ଠିତ ହୋଇଥିଲା। ପାଠାଗାରର ସଦସ୍ୟ ଦେବାଶିଷ ମହାପାତ୍ର, ସୂରଜ ମହାପାତ୍ର, ହରି ପାଢ଼ୀ, ପିଣ୍ଟୁ ରଥ, ସନ୍ତୁ ସାହୁ, ସୁବାସ ମହାପାତ୍ର, ସନ୍ତୋଷ ଦାଶ, ସତ୍ୟନାରାୟଣ ମିଶ୍ର, କେ. ଚିରଞ୍ଜିବୀ, ଗୁଡ୍ଡୁ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ବିଶାଖାପାଟଣା-ଭବାନୀପାଟଣା ପାସେଞ୍ଜର ଟ୍ରେନ୍

# ୧୦ ଦିନ ପାଇଁ ଭବାନୀପାଟଣା ପରିବର୍ତ୍ତେ ରାୟଗଡ଼ା ଯାଏ ଗଡ଼ିବ

**ରାୟଗଡ଼ା,୧୩।୪(ସମିସ)**



- ସମ୍ବଲପୁର ରେଳ ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ
- ଅଞ୍ଚଳବାସୀଙ୍କ ଦାବି ପରେ ରାୟଗଡ଼ା ପର୍ଯ୍ୟନ୍ତ ଚଲେଇବାକୁ ରେଳବାଇର ପଦକ୍ଷେପ

ପୂର୍ବତଟ ରେଳବାଇ ଅଧୀନସ୍ଥ ସମ୍ବଲପୁର ରେଳ ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଜାରି ରହିଥିବା ହେତୁ ବିଶାଖାପାଟଣା-ଭବାନୀପାଟଣା (୦୮୫୦୪/୦୮୫୦୩) ପାସେଞ୍ଜର ଟ୍ରେନକୁ ରେଳ ବିଭାଗ ପକ୍ଷରୁ ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ୧୦ ଦିନ ପାଇଁ ଏହି ଟ୍ରେନ୍ ଚଳାଚଳ ବାତିଲ କରାଯାଇଥିଲା। ତେବେ ଉକ୍ତ ଟ୍ରେନ୍ ଉପରେ ନିର୍ଭର କରି ଯାତ୍ରା କରୁଥିବା ରେଳଯାତ୍ରୀ ତଥା ଅଞ୍ଚଳବାସୀଙ୍କ ପକ୍ଷରୁ ବିଭିନ୍ନ ସୋସିଆଲ ମିଡିଆରେ ଟ୍ରେନ୍ ଚଳାଚଳ ପାଇଁ ଦାବି ଉଠିବା ସହ ଅନେକ ବୁଦ୍ଧିଜୀବୀ, ରେଳଯାତ୍ରୀ ସିଧାସଳଖ ୱାଲଟିୟର ଡିଭିଜନ୍ ଡିଆରଏମ ସୌରଭ ପ୍ରସାଦଙ୍କୁ ଟ୍ରେନ୍ ବାତିଲ ଯୋଗୁଁ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ରାୟଗଡ଼ା ପର୍ଯ୍ୟନ୍ତ ଉକ୍ତ ଟ୍ରେନଟି ଚଳାଚଳ କରିବାକୁ ଅନୁରୋଧ କରିଥିଲେ। ଜନସାଧାରଣଙ୍କ ଚାହିଦା ତଥା ଦାବିକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଡିଆରଏମ ସୌରଭ ପ୍ରସାଦ ଆଲୋଚନା କରିବା ପରେ ଜନସାଧାରଣଙ୍କ ସୁବିଧା ପାଇଁ ବିଶାଖାପାଟଣା-ଭବାନୀପାଟଣା ରେଳଯାତ୍ରୀଙ୍କ ରେଳ ସେବା ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣାରୁ ଛାଡୁଥିବା ୦୮୫୦୪ ଟ୍ରେନଟି ଭବାନୀପାଟଣା ପରିବର୍ତ୍ତେ ରାୟଗଡ଼ା ଯାଏଁ ଚଳାଚଳ କରିବାକୁ ଥିବାବେଳେ ଟ୍ରେନ୍ ନମ୍ବର ୦୮୫୦୩ ଏପ୍ରିଲ ୧୬ରୁ ୨୫ ତାରିଖ ଯାଏଁ ଭବାନୀପାଟଣା ପରିବର୍ତ୍ତେ ରାୟଗଡ଼ା ରେଳ ଷ୍ଟେସନରୁ ବିଶାଖାପାଟଣା ଚଳାଚଳ କରିବ ବୋଲି ୱାଲଟିୟର ଡିଭିଜନ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ତାରିଖ ମଧ୍ୟରେ ରାୟଗଡ଼ା-ଭବାନୀପାଟଣା ମଧ୍ୟରେ ଏହି ଟ୍ରେନର କୌଣସି ସେବା ଉପଲବ୍ଧ ନ ଥିବାରୁ ସୃଷ୍ଟି ହୋଇଥିବା ଅସୁବିଧା ପାଇଁ ରେଳ ବିଭାଗ ପକ୍ଷରୁ ଦୁଃଖ ଜଣାଯାଇଛି।

# ଲକ୍ଷ୍ମୀପୁର-ରାୟଗଡ଼ା-କୁନେରୁ ସେକ୍ସନ୍‌ରେ ଡିଆର୍‌ଏମ୍‌ଙ୍କ ଯାଞ୍ଚ

**ରାୟଗଡ଼ା,୧୩।୪(ସମିସ):** ପୂର୍ବତଟ ରେଳବାଇ ୱାଲଟିୟର ଡିଭିଜନର ଡିଭିଜନାଲ ରେଲୱେ ମ୍ୟାନେଜର (ଡିଆରଏମ) ସୌରଭ ପ୍ରସାଦ ଡିଭିଜନ୍ ଅନ୍ତର୍ଗତ ଲକ୍ଷ୍ମୀପୁର-ରାୟଗଡ଼ା-କୁନେରୁ ସେକ୍ସନ ମଧ୍ୟରେ ଯାଞ୍ଚ କରିଛନ୍ତି। ଏହି ଯାଞ୍ଚ ବେଳେ ସେ ରେଳ ନିରାପତ୍ତା, ଯାତ୍ରୀ ସୁବିଧା, ଡବଲ୍ ଲାଇନ କାର୍ଯ୍ୟ ନିରୀକ୍ଷଣ କରିବା ସହ ଗୋଟଲାମ-ବିଜୟନଗରମ ମଧ୍ୟରେ ନିଆଯିବାକୁ ଥିବା ପ୍ରସ୍ତାବିତ ଅଟୋ ସିଗନାଲିଂ କାର୍ଯ୍ୟର ମଧ୍ୟ ଯାଞ୍ଚ କରିଥିଲେ। ଡିଆରଏମଙ୍କ ଏହି ଗସ୍ତ ସମୟରେ ଏଡିଆରଏମ୍ (ଇନଫ୍ରା) ସୁଧୀର କୁମାର ଗୁପ୍ତା, ଏଡିଆରଏମ (ଅପରେସନ୍) ମନୋଜ କୁମାର ସାହୁ ଏବଂ ସୁରକ୍ଷା, ସିଗନାଲ ଏବଂ ଟେଲିକମ୍ ଭଳି ବିଭିନ୍ନ ଶାଖାର ବରିଷ୍ଠ ଅଧିକାରୀ ଓ ସିଭିଲ ଇଞ୍ଜିନିୟରିଂ କର୍ମଚାରୀମାନେ ସାମିଲ ଥିଲେ। ଡିଆରଏମ୍ ସୌରଭ ପ୍ରସାଦ କୁନେରୁ ରେଳ ଷ୍ଟେସନରେ ସୁରକ୍ଷା ସମ୍ବନ୍ଧୀୟ ଯାଞ୍ଚ କରିଥିଲେ। ଯେଉଁଠାରେ ସେ ଷ୍ଟେସନ ମାଷ୍ଟର ରୁମ, ପ୍ୟାନେଲ ବୋର୍ଡ ଇତ୍ୟାଦି ଯାଞ୍ଚ କରିଥିଲେ ଏବଂ ସୁରକ୍ଷା ବଜାୟ ରଖିବାରେ ସେମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିବାକୁ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ବିଭାଗର ତୃତୀୟ ଲାଇନ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା ମଧ୍ୟ କରିଥିଲେ। ପରେ ସେ ରାୟଗଡ଼ା ଜିଲ୍ଲାର ଜେମାଦେଇପେଣ୍ଟ ଷ୍ଟେସନ ପରିଦର୍ଶନ କରିଥିଲେ। ସେଠାରୁ ଡିଆରଏମ୍ କେଆର ଲାଇନ ଅନ୍ତର୍ଗତ ଟିକିରି-ସିନାଗାରମ ସେକ୍ସନ ମଧ୍ୟରେ ଚାଲିଥିବା ଡବଲ ଲାଇନ କାର୍ଯ୍ୟର ଅଗ୍ରଗତି, ଟନେଲ୍ ଏବଂ ବ୍ରିଜ୍ କାର୍ଯ୍ୟ ଯାଞ୍ଚ ପାଇଁ ଯାଇଥିଲେ। ଏହି ସେକ୍ସନର ଡବଲ ଲାଇନ୍ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଇ ଡିଆରଏମ ସୌରଭ ପ୍ରସାଦ ବିଭିନ୍ନ ସମୟରେ ଟିକିରି ରେଳ ଷ୍ଟେସନ ପରିଦର୍ଶନ କରୁଛନ୍ତି। ଏହି ଯାଞ୍ଚ ବେଳେ ଟିକିରିଠାରେ ସେ ଯାତ୍ରୀ ସୁବିଧା, ପ୍ଲାଟଫର୍ମ



କାର୍ଯ୍ୟ, ସୁରକ୍ଷା ଦିଗକୁ ନେଇ ବୁଲି ଦେଖିଥିଲେ। ପରେ ଲକ୍ଷ୍ମୀପୁର ରୋଡ୍ ରେଳ ଷ୍ଟେସନ ପରିଦର୍ଶନରେ ଯାଇ ୧୨ ମିଟର ଚଉଡ଼ା ଫୁଟ୍ ଓଭରବ୍ରିଜ, ସର୍କୁଲାର କ୍ଷେତ୍ର, ପାର୍କିଂ ସ୍ଥାନ, ଷ୍ଟେସନ ବିଲ୍ଡିଂ ଆଦି ଦେଖିବା ସହ ପର୍ଯ୍ୟଟନକୁ ଆକର୍ଷିତ କରିବା ପାଇଁ ଲକ୍ଷ୍ମୀପୁର ରେଳ ଷ୍ଟେସନରେ ସୁବିଧା ଓ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେଇଥିଲେ। ଏହି ସେକ୍ସନରେ ରେଳ ଯାତ୍ରୀଙ୍କ ସୁବିଧା ତଥା ରେଳ ଭିତ୍ତିଭୂମି ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଥିବା ସୁରକ୍ଷା ପ୍ରୋଟୋକଲ ଏବଂ ଯୋଜନା ପ୍ରଣୟନକୁ ସୁନିଶ୍ଚିତ କରିବା ପାଇଁ ଏଭଳି ଯାଞ୍ଚ ବିଭିନ୍ନ ସମୟରେ କରିଥାଏ ବୋଲି ଡିଆରଏମ ସୌରଭ ପ୍ରସାଦ ପ୍ରକାଶ କରିଛନ୍ତି।

# ବ୍ଲାଷ୍ଟିଂ ପଥର ବାଜି ନାବାଳକର ମୃତ୍ୟୁ ଘଟଣା: କ୍ୱାରୀ ସିଲ୍, ଜଣେ ଗିରଫ



**ସେମିଳିଗୁଡ଼ା, ୧୩।୪(ସମିସ):** ଗତ ବୁଧବାର ଦାମନଯୋଡ଼ି ନିକଟସ୍ଥ ମାନିଆଁରେ ଏକ ପଥର କ୍ୱାରୀରୁ ବ୍ଲାଷ୍ଟିଂ ବେଳେ ପଥରଖଣ୍ଡ ବାଜି ନାବାଳକର ମୃତ୍ୟୁ ଘଟଣାରେ ପୁଲିସ ଶନିବାର ଜଣକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ସୁଧାକର ଶ୍ରୀହରିଆ ବୋଲି ସୁନାବେଡ଼ା ଏସ୍‌ଡିପିଓ ମନୋବ୍ରତା ଶତପଥୀ ସୂଚନା ଦେଇଛନ୍ତି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ପୁଲିସ ଖଣି ଏବଂ ତହସିଲ କର୍ମଚାରୀ ମିଳିତ ଭାବେ ଚଢ଼ଉ କରି ଉକ୍ତ ପଥର କ୍ୱାରୀକୁ ସିଲ୍ କରିଛନ୍ତି। ସୂଚନା ଥାଉକି, ମରିଚମାଳ ଗ୍ରାମର ରିତେଶ (୧୪) ଓ ଉତ୍ତମ ନାମକ ଦୁଇ ଜଣ ନାବାଳକ ବୁଧବାର ଅପରାହ୍ନରେ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇଥିଲେ। ଫୋନ୍ ଆସିବାରୁ ରିତେଶ ବ୍ରିଜ୍ ପାର୍ଶ୍ୱରେ ଛିଡ଼ା ହୋଇ କଥା ହେଉଥିଲେ। ସେହି ସମୟରେ ନିକଟରେ ଥିବା ପଥର କ୍ୱାରୀର ବ୍ଲାଷ୍ଟିଂ ଚାଲିଥିଲା। ହଠାତ୍ ଏକ ପଥର ଖଣ୍ଡ ଆସି ରିତେଶଙ୍କ କାନମୁଣ୍ଡାରେ ବାଜିବାରୁ ଘଟଣାସ୍ଥଳରେ ସେ ପଡ଼ିଯାଇଥିଲେ। ପରିବାର ଲୋକେ ସଙ୍ଗେସଙ୍ଗେ ତାଙ୍କୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ଉତ୍କଳ ଆଲୁମିନାରେ ଲକ୍ଷ୍ମୀ-ନାରାୟଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ରାୟଗଡ଼ା,୧୩।୪(ସମିସ):** ଆଦିତ୍ୟ ବିର୍ଲା ଗ୍ରୁପର ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଦ୍ୱାରା ଶ୍ରୀଲକ୍ଷ୍ମୀନାରାୟଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗତ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଓଷାପଡ଼ା ଟାଉନସିପରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚଦିବସ ବ୍ୟାପୀ ଉତ୍ସବରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ପବିତ୍ର କଳସ ଯାତ୍ରାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବରେ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା। ଯାହା ପବିତ୍ର କାର୍ଯ୍ୟର ଶୁଭାରମ୍ଭ ଥିଲା। ପ୍ରତ୍ୟହ ସକାଳ ସମୟରେ ଶ୍ରଦ୍ଧାଳୁମାନେ ବିଭିନ୍ନ ରୀତିନୀତି ପୂଜାର୍ଚ୍ଚନାରେ ଅଂଶଗ୍ରହଣ କରିବା ସହିତ ଭଗବାନଙ୍କ ନିକଟରେ ପ୍ରାର୍ଥନା କରି ଦୈବୀଶକ୍ତିର ଆଶୀର୍ବାଦ ଲୋଡ଼ିଥିଲେ। ସାନ୍ଧ୍ୟ ସମୟରେ ପ୍ରଖ୍ୟାତ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସମୁଦାୟ ସାଂସ୍କୃତିକ ପରିବେଶକୁ ଜୀବନ୍ତ କରି ଗଢ଼ି ତୋଳିଥିଲା ଏବଂ ସେମାନଙ୍କର ପ୍ରତିଭା ଓ ଭକ୍ତିଭାବରେ ପରିବେଶ ରସସିକ୍ତ ହୋଇଥିଲା। ଏହି



ଅବସରରେ ପ୍ରଥମ ଦିବସରେ ବିଗ୍ କର୍ଟେନ ଦ୍ୱାରା ଭଜନ ସନ୍ଧ୍ୟା ଏବଂ ପରେ ଦ୍ୱିତୀୟ ଦିବସରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଅନୁପ ଜଲୋଟାଙ୍କ ଦ୍ୱାରା ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହୋଇଥିଲା। ତୃତୀୟ ସନ୍ଧ୍ୟାରେ ଶାଶ୍ୱତ ଯୋଶୀଙ୍କ ଦ୍ୱାରା ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଯେଉଁଥିରେ ତାଙ୍କର ଲାଳିତ୍ୟ ଏବଂ ମାଧୁର୍ଯ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଗତ ୧୨ ତାରିଖରେ ପ୍ରାଣ ପ୍ରତିଷ୍ଠା ଉତ୍ସବର ଉଦଯାପନୀ ସମାରୋହରେ ଆଧ୍ୟାତ୍ମିକ ଏବଂ ସାମ୍ପ୍ରଦାୟିକ ସଦ୍‌ଭାବ ପରିବେଶ ସୃଷ୍ଟି ହୋଇଥିଲା। ମଜହର ବେଗ୍, ୟୁନିଟ୍ ହେଡ୍ ଉତ୍କଳ ଆଲୁମିନା ଓ ଆଦିତ୍ୟ



ଆଲୁମିନା କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଅବଦାନ ରଖିଥିବା ସମସ୍ତ ଅଂଶଗ୍ରହଣକାରୀ, କଳାକାର ଏବଂ ଶ୍ରଦ୍ଧାଳୁଙ୍କୁ ନିଜର କୃତଜ୍ଞତା ଜ୍ଞାପନ କରିଥିଲେ।

# ବନ୍ଧୁଗାଁ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବନ୍ଧୁଗାଁ, ୧୩।୪(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଆଦର୍ଶ ବିଦ୍ୟାଳୟର ୮ମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଶଗଡ଼ିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଫୁଲ୍ଲ ମିଶ୍ର, ସମ୍ମାନିତ ଅତିଥି ଭାବେ ଡା. ନିହାର ରଞ୍ଜନ ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ବନ୍ଧୁଗାଁ ବ୍ଲକ ବିଜେଡି ସଭାପତି ବାଲା ନାଗ ଉପସ୍ଥିତ ଥିଲେ। ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ଦ୍ୱାରା ୨୦୨୩-୨୪ ବର୍ଷର ନିଜ ବିଦ୍ୟାଳୟର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ପାଠପଢ଼ା କ୍ଷେତ୍ରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ପଦ୍ମଚରଣ ଦାସ ପରିଚାଳନା କରିଥିଲେ।

# ଶୋଭାଯାତ୍ରାରେ ଖଣ୍ଡା, କାତି ବ୍ୟବହାର ଉପରେ କଟକଣା

**ନବରଙ୍ଗପୁର,୧୩।୪(ସମିସ):** ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ଅବସରରେ ନବରଙ୍ଗପୁର ହିନ୍ଦୁ ଏକତା ବାହିନୀ ପକ୍ଷରୁ ଆୟୋଜିତ ହେବାକୁ ଥିବା ଶୋଭାଯାତ୍ରାରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର (ଖଣ୍ଡା, କାତି, ଧନୁ, ତୀର) ବ୍ୟବହାର ଉପରେ କଟକଣା ଲଗାଇଛି ନବରଙ୍ଗପୁର ପୁଲିସ। ଏହି ପରିପ୍ରେକ୍ଷୀରେ ଶନିବାର ନବରଙ୍ଗପୁର ପୁଲିସ ପକ୍ଷରୁ ସହରରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇଥିଲା। ସହରରେ ଆଇନ ଶୃଙ୍ଖଳା ପରିସ୍ଥିତି ନ ଉପୁଜିବା ପାଇଁ ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ପାଳିବା ପାଇଁ ପୁଲିସ ଏଭଳି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। କଟକଣାକୁ ଅବମାନନା କଲେ ପୁଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଜନସାଧାରଣଙ୍କୁ ଚେତେଇ ଦେଇଛି।

# ପଣସ ଗଛରୁ ପଡ଼ି ଜଣେ ଗୁରୁତର

**ପାପଡ଼ାହାଣ୍ଡି,୧୩।୪(ସମିସ):** ଶନିବାର ଅପରାହ୍ନ ୩ଟା ସମୟରେ ପଣସ ଗଛରୁ ପଡ଼ି ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଡ. ମନସ୍ମିତା ମହାନ୍ତି ସୂଚନା ଦେଇଛନ୍ତି। ଗୁରୁତର ଜଣକ ହେଲେ ପାପଡ଼ାହାଣ୍ଡି ବ୍ଲକ ଡୁମ୍ବୁର୍ଲା ପଞ୍ଚାୟତ ଅନ୍ତର୍ଗତ ଝାଡ଼କୁସୁମୀ ଗ୍ରାମର ବନମାଳୀ ଭତରା (୪୫)।



ସୂଚନା ପ୍ରକାରେ, ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ଡୁମ୍ବୁର୍ଲା ପଞ୍ଚାୟତ ଅନ୍ତର୍ଗତ ଝାଡ଼କୁସୁମୀ ଗ୍ରାମର ବନମାଳୀ ଭତରା (୪୫) ଡୁମ୍ବୁର୍ଲା ଗ୍ରାମର ଆଦିବାସୀଗୁଡ଼ାର ଜଣେ ବ୍ୟକ୍ତିଙ୍କ ଘରେ ପଣସ ତୋଳିବାକୁ ଯାଇଥିଲେ। ପଣସ ତୋଳିବାକୁ ଗଛରେ ଚଢ଼ିଥିଲେ। ଅସାବଧାନତା ଯୋଗୁଁ ବନମାଳୀ ତଳେ ପଡ଼ିଯାଇଥିଲେ। ଫଳରେ ତାଙ୍କ ବେକରେ ଏକ କାଠ ପଶିଯିବାରୁ ବେକ କଣା ହୋଇଯାଇ ପ୍ରଚୁର ରକ୍ତସ୍ରାବ ହେବାରୁ ସେ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଗୁରୁତର ବନମାଳୀଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ବନମାଳୀଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଡ. ମନସ୍ମିତା ମହାନ୍ତି ସୂଚନା ଦେଇଛନ୍ତି।

# ଛୁରି ଜବତ; ବାଇକ୍ ଚାଳକ ଗିରଫ

**ଜୟପୁର,୧୩।୪(ସମିସ):** ଜୟପୁର ଟାଉନ୍ ଥାନା ପୁଲିସ ପକ୍ଷରୁ ଶୁକ୍ରବାର ରାତିରେ ଗାନ୍ଧୀ ଛକ ନିକଟରେ ଦ୍ରୁତ ଗତିରେ ଯାଉଥିବା ଏକ ବାଇକକୁ ଅଟକାଇ ଯାଞ୍ଚ ବେଳେ ବାଇକରୁ ଏକ ବଡ଼ ଛୁରି ଜବତ କରାଯାଇଛି।



ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭଯୋଗରେ ଚାଳକ ସ୍ଥାନୀୟ ଡଙ୍ଗଗୁଡ଼ାର ରାଜୁ ମାଛ (୨୫)ଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନିକଟରୁ ଛୁରି ସହିତ ବାଇକ୍ (ଓଡି ୧୦ଇ-୪୭୩୫) ଜବତ କରାଯାଇଛି। ତାଙ୍କ ନାମରେ ପୂର୍ବରୁ ବିଭିନ୍ନ ଅପରାଧିକ ମାମଲା ରହିଥିବା ନେଇ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସଞ୍ଜୀବ କୁମାର ମହାନ୍ତି କହିଛନ୍ତି।

# ଚାଟୁଆ ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ନନ୍ଦପୁର,୧୩।୪(ସମିସ):** ଶୁକ୍ରବାର ବିଳମ୍ବିତ ରାତିରେ ବିଶାଖାପାଟଣା-କିରୋଣ୍ଡୁଲକୁ ସଂଯୋଗ କରୁଥିବା ରେଳଧାରଣାର ଚାଟୁଆ ଗ୍ରାମ ପଞ୍ଚାୟତର ଡିଡ଼ିଂ ନିକଟ ରେଳ ଧାରଣା ଉପରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମିଳିଥିବା ତଥ୍ୟ ଅନୁଯାୟୀ, ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଚାଟୁଆ ଗ୍ରାମର ଅଶ୍ୱିନି ମାଝୀ(୨୮) ଶୁକ୍ରବାର ରାତି ପ୍ରାୟ ୧୧ଟା ସମୟରେ ଘରୁ ବାହାରି ମାଳିଗୁଡ଼ା ଛକରେ ରହିଥିବା ଘରେ ପ୍ରତିଦିନ ଭଳି ସାଙ୍ଗମାନଙ୍କ ସହ ଶୋଇବାକୁ ଯାଇଥିଲେ। କିନ୍ତୁ ମଧ୍ୟରାତ୍ରରେ ଚାଟୁଆ ନିକଟସ୍ଥ ଡିଡ଼ିଂ ରେଳ ଧାରଣା ଉପରେ ତାଙ୍କ ମୃତଦେହ ପଡ଼ିଥିବା ସୂଚନା ମିଳିଥିଲା। ଖବର ପାଇ ପାଡୁଆ ଆରପିଏଫ୍ ପୁଲିସ ଯୁବକଙ୍କୁ ଉଦ୍ଧାର କରି କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିବାବେଳେ କୋରାପୁଟ ଜିଆରପି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଜିଆରପି ଏଏସ୍‌ଆଇ ଲକ୍ଷ୍ମଣ ମହାନ୍ତି ସୂଚନା ଦେଇଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରଯାଇଥିବା ଜଣାପଡ଼ିଛି। ଅନୁସନ୍ଧାନ ପରେ ମୃତ ଯୁବକ ଜଣକ ଚାଟୁଆ ଗ୍ରାମ ଅଶ୍ୱିନି ମାଝୀ ବୋଲି ଜଣାପଡ଼ିଥିଲା। ସେପଟେ ଅଶ୍ୱିନିଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।



## ଟାଟା ପାୱାର ଲିମିଟେଡ୍‌ର ମନମୁଖି କାର୍ଯ୍ୟ

# ଠିକ୍ ସମୟରେ ମାସିକ ବିଦ୍ୟୁତ୍ ବିଲ୍ ଦିଆଯାଉ ନାହିଁ

**ଗୁଣୁପୁର,୧୩।୪(ସମିସ)**

- ଦାଉ ସାଧୁଚି ସ୍ମାର୍ଟ ମିଟର
- କାର୍ଯ୍ୟାଳୟରେ ତାଲା; ଉପଭୋକ୍ତା ହନ୍ତସନ୍ତ

ଗୁଣୁପୁର ଟାଟା ପାୱାର ଲିମିଟେଡର ମନମୁଖୀ କାର୍ଯ୍ୟ ଯୋଗୁଁ ବିଦ୍ୟୁତ୍ ଉପଭୋକ୍ତାମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଘରେ ଘରେ ସ୍ମାର୍ଟ ମିଟର ଲଗାଯାଇଥିବା ବେଳେ ଆଉ କିଛି ଘରେ ସ୍ମାର୍ଟ ମିଟର ଲାଗି ନାହିଁ। ପ୍ରତି ମାସରେ ମାସିକ ବିଦ୍ୟୁତ୍ ଖର୍ଚ୍ଚ ବିଲ୍ ଠିକ୍ ସମୟରେ ଦିଆଯାଉ ନାହିଁ। ଅପରପକ୍ଷରେ ମୋବାଇଲକୁ ବିଦ୍ୟୁତ ବିଲ୍ ବକେୟା ଟଙ୍କା ପୈଠ କରିବା ପାଇଁ ମେସେଜ୍ ଆସୁଛି। ମେସେଜରେ ନିର୍ଦ୍ଦିଷ୍ଟ କିଛି ରାଶି ପୈଠ କରିବା ପାଇଁ ଆସୁଥିବାବେଳେ ଗ୍ରାହକମାନେ ୟୁପିଆଇ ମାଧ୍ୟମରେ ଟଙ୍କା ପୈଠ କରିବା ସମୟରେ ଆଉଟ୍ ଷ୍ଟାଣ୍ଡିଂ ରହିଥିବା ନେଇ ଦର୍ଶାଯାଉଛି। ଫଳରେ ଲୋକେ କ'ଣ କହିବେ କ'ଣ ନାହିଁ କିଛି ବୁଝିପାରୁ ନାହାନ୍ତି।




ବିଦ୍ୟୁତ୍ ଉପଭୋକ୍ତାମାନେ ଟାଟା ପାୱାର କାର୍ଯ୍ୟାଳୟକୁ ବୁଝାସୁଝା କରିବା ପାଇଁ ଯାଉଛନ୍ତି; କିନ୍ତୁ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖି ନିରାଶ ହୋଇ ଫେରୁଛନ୍ତି। ଟାଟା ପାୱାର କାର୍ଯ୍ୟାଳୟକୁ ଠିକ୍ ସମୟରେ ଖୋଲା ଯାଉ ନ ଥିବା ଦେଖିବାକୁ ମିଳୁଛି। ସ୍ମାର୍ଟ ମିଟର କହିବା ପରେ ମୋବାଇଲକୁ ବିଦ୍ୟୁତ୍ ବିଲ୍ ଆସୁଥିବାବେଳେ ଅଧିକାଂଶ ଉପଭୋକ୍ତାଙ୍କ ଫୋନ ନ ଥିବା ଯୋଗୁଁ ସେମାନେ କିଛି ଜାଣିପାରୁ ନାହାନ୍ତି। ଅଫଲାଇନରେ ବିଲ୍ ବାହାରିଲା ଭଳି ଅନଲାଇନରେ ବିଲ୍ ଆସିଥିଲେ ସମସ୍ୟା ହୋଇ ନ ଥାନ୍ତା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଅପରପକ୍ଷେ ବିଦ୍ୟୁତ୍ ଖର୍ଚ୍ଚ ବିଲ୍ ସମ୍ପର୍କରେ ଉପଭୋକ୍ତାମାନେ ଜାଣି ନ ଥିବାବେଳେ, ଟାଟା ପାୱାର କର୍ମଚାରୀମାନେ ବିଦ୍ୟୁତ୍ ଶୁଳ୍କ ପୈଠ କରି ନ ଥିବା କହି ବିଦ୍ୟୁତ୍ ସରବରାହ ବନ୍ଦ କରି ଦେଉଛନ୍ତି। ଏ ସମସ୍ତ ଅସୁବିଧାରେ ସୁଧାର ଆଣିବା ପାଇଁ ଉପଭୋକ୍ତାମାନେ ଦାବି କରିଛନ୍ତି।

### ବିଜେପି, କଂଗ୍ରେସ ପ୍ରଚାର ଅଭିଯାନର ବାଟ ଓଗାଳିଛି ଘରୋଇ କଳି

# ବନ୍ଧୁବର୍ଗ, ଆତ୍ମୀୟଙ୍କଠୁ ଭୋଟ୍ ସାଉଁଟୁଛି ବିଜେଡି



**ନନ୍ଦପୁର,୧୩।୪(ସମିସ)**

ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ ବିଜେପି ଓ କଂଗ୍ରେସ ଦଳ ମଧ୍ୟରେ ରହିଥିବା ଘରୋଇ କଳି ଏବେ ଦଳର ବିଧାୟକ ପ୍ରାର୍ଥୀମାନଙ୍କ ପ୍ରଚାର ଅଭିଯାନର ବାଟ ଓଗାଳୁଥିବା ଚର୍ଚ୍ଚା ହୋଇଛି। ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀ ନିର୍ବାଚନ ମଣ୍ଡଳୀରେ ନିଜର ବନ୍ଧୁବର୍ଗ, ଆତ୍ମୀୟଙ୍କ ମହଲରୁ ପ୍ରଚାର ଅଭିଯାନ ଆରମ୍ଭ କରିଥିବା ସୂଚନା ମିଳିଛି। ତିନି ପ୍ରମୁଖ ଦଳର ନେତା ଓ କର୍ମୀ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ବିଧାନସଭା ଆସନ ଟିକଟ ଉପରେ ନଜର ଲଗାଇ ବସିଥିବା ସମୟ ଶେଷ ହୋଇଥିଲେ ମଧ୍ୟ ବର୍ତ୍ତମାନ ଉଭୟ କଂଗ୍ରେସ ଓ ବିଜେପି ଦଳ ନିଜ ନିଜ ବିଧାୟକ ପ୍ରାର୍ଥୀଙ୍କୁ ନେଇ ଖୋଲା ପ୍ରଚାର ଆରମ୍ଭ କରିପାରିନି। ଉଭୟ ଦଳରେ ଆଶାୟୀଙ୍କ ବିଦ୍ରୋହକୁ ନେଇ ଦୁଇ ଦଳର ବିଧାୟକ ପ୍ରାର୍ଥୀ ପ୍ରଚାର ଅଭିଯାନକୁ ଓହ୍ଲାଇବାକୁ ନେଇ ଚିନ୍ତିତ ରହିଛନ୍ତି। ସେପଟେ ବିଜେଡିରେ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ ଆଶାୟୀଙ୍କ ଲମ୍ବା ଲାଇନ୍ ରହିଥିଲେ ମଧ୍ୟ ହାଇକମାଣ୍ଡ ପ୍ରାର୍ଥୀ ଚୟନ ନିଷ୍ପତ୍ତିକୁ ସମସ୍ତେ ସମ୍ମତି ଜଣାଇ ଏକଧାରାରେ ରହିଛନ୍ତି। ଭିତିରି ଆଶାୟୀଙ୍କ ମନରେ ଅଶାନ୍ତି ଅସନ୍ତୋଷ ରହିଥିଲେ ମଧ୍ୟ ଦଳୀୟ ନିଷ୍ପତ୍ତିକୁ ପଦାରେ ପକାଇ ନାହାନ୍ତି। ଧୀରେ ଧୀରେ ଗୋଟି ଗୋଟି କରି ପୁରୁଣା ଓ ପୁରୁଖା ସହ ଯୁବଗୋଷ୍ଠୀ, ମହିଳା କର୍ମୀଙ୍କୁ ସାଥୀରେ ନେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନାକୁ ନେଇ ପ୍ରଚାର ଅଭିଯାନକୁ ଆଗେଇବା ଆରମ୍ଭ କରିଛନ୍ତି ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି।

# କୋରାପୁଟ ଜିଲ୍ଲାରେ ଅଣାୟତ୍ତ ହେଉଛି ବିଜେପି କନ୍ଦଳ

**କୋରାପୁଟ,୧୩।୪(ସମିସ):** ଅନ୍ୟ ଦଳର ନେତାମାନଙ୍କୁ ନିଜ ଦଳରେ ସାମିଲ କରିବା ଓ କେତେକ ସ୍ଥାନରେ ନବାଗତଙ୍କୁ ପ୍ରାର୍ଥୀ କରିବା କାରଣକୁ ନେଇ ସାରା ରାଜ୍ୟରେ ଭାରତୀୟ ଜନତା ପାର୍ଟି(ବିଜେପି) ହରଡ଼ଘଣାରେ ପଡ଼ିଥିବା ବେଳେ କୋରାପୁଟ ଜିଲ୍ଲାରେ ସମାନ ସ୍ଥିତି ଦେଖିବାକୁ ମିଳିଛି। ଭାରତୀୟ ଜନତା ପାର୍ଟି ପ୍ରଥମ ପର୍ଯ୍ୟାୟ ତାଲିକାରେ କୋରାପୁଟ ଆସନରୁ ରଘୁରାମ ମାଛଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଦଳର ଅନେକ ବରିଷ୍ଠ ନେତା ଓ ଅନ୍ୟ ଆଶାୟୀ ବିରୋଧ କରି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ବର୍ଷ ବର୍ଷ ଧରି ଦଳ ପାଇଁ ଖଟିଥିବା ଲୋକଙ୍କୁ ଅଣଦେଖା କରି ମାତ୍ର କିଛି ମାସ ପୂର୍ବରୁ ଦଳକୁ ଆସିଥିବା ନେତାକୁ ଟିକଟ ଦେବା କେତେ ଯଥାର୍ଥତା ବୋଲି ପ୍ରଶ୍ନ ଉଠାଇ ଭାଜପା ରାଜ୍ୟ ସଭାପତିଙ୍କ ପ୍ରତି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶ୍ରୀ ମାଛଙ୍କ ପ୍ରାର୍ଥିତ୍ୱକୁ ଖୋଲାଖୋଲି ବିରୋଧ କରି ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ଜିଲ୍ଲା ସଭାପତି ଭାଗିରଥି ପାଟଣିଆ ରାଜ୍ୟ ନେତୃତ୍ୱଙ୍କୁ ସମାଲୋଚନା କରି ସେ ଭୁବନେଶ୍ୱରରେ ନିଜ ସମର୍ଥକଙ୍କ ସହ ବିରୋଧ ପ୍ରଦର୍ଶନ କରିଥିଲେ।

ସେହିପରି ଜିଲ୍ଲାର ପଟ୍ଟାଙ୍ଗି ଆସନ ପାଇଁ ଦଳ ଘୋଷଣା କରିଥିବା ପ୍ରାର୍ଥୀଙ୍କୁ ମଧ୍ୟ ବିଜେପି କର୍ମୀ ବିରୋଧ କରୁଥିବାବେଳେ ଗତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଥିବା ରାମ ଚନ୍ଦ୍ର ପାଙ୍ଗି ବିଜେପି ଛାଡ଼ି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ଅନ୍ୟ ପକ୍ଷରେ ଲକ୍ଷ୍ମୀପୁର ଆସନ ପାଇଁ ବର୍ତ୍ତମାନ ଯାଏଁ ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ଘୋଷଣା କରି ନଥିବାବେଳେ ପୂର୍ବତନ ବିଧାୟକ କୈଳାଶ କୁଲେଶିକା ବିଜେପିରେ ଯୋଗ ଦେବା ପରଠାରୁ ସ୍ଥାନୀୟ ଆଶାୟୀ ଓ କର୍ମୀ ପ୍ରବଳ ବିରୋଧ କରିବା ଆରମ୍ଭ କରିଛନ୍ତି। ଯଦି କୈଳାସଙ୍କୁ ଟିକଟ ଦିଆଯାଏ, ତାହେଲେ ୪ ଜଣ ଆଶାୟୀଙ୍କ ସମେତ ହଜାର ହଜାର ବିଜେପି କର୍ମୀ ଦଳ ଛାଡ଼ିବେ ବୋଲି ଦଳ ମୁଖିଆଙ୍କୁ ଚେତାବନୀ ଦେଇଛନ୍ତି। କୁଲେଶିକାଙ୍କୁ ଦଳରେ ସାମିଲ କରି ବିଜେପି ରାଜ୍ୟ ସଭାପତି ଏବେ ହରଡ଼ଘଣାରେ ପଡ଼ିଛନ୍ତି। କୁଲେଶିକାଙ୍କୁ ବିରୋଧ କରି ଶୁକ୍ରବାର ଲକ୍ଷ୍ମୀପୁରରେ ଆଶାୟୀ ଓ ବରିଷ୍ଠ କର୍ମୀମାନେ ଧାରଣା ଦେବା ସହ ସାମ୍ବାଦିକ ସମ୍ମିଳନୀ କରି ଚେତାବନୀ ଦେଇଛନ୍ତି। ସେହିପରି ଭାରତୀୟ ଜନତା ପାର୍ଟି ବର୍ତ୍ତମାନ ସୁଦ୍ଧା ଜୟପୁର ଓ କୋଟପାଡ଼ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିପାରି ନ ଥିବା ବେଳେ ରାଜ୍ୟ ସଭାପତି କ'ଣ କରିବେ ନିଷ୍ପତ୍ତି ନେଇପାରୁ ନାହାନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାର ଏକ ମାତ୍ର ଅଣସଂରକ୍ଷିତ ଆସନ ଜୟପୁର ପାଇଁ ୨୦୧୯ ନିର୍ବାଚନରେ ପ୍ରାର୍ଥୀ ଥିବା ଗୌତମ ସାମନ୍ତରାୟ ଏବଂ ନବାଗତ ହିମାଂଶୁ ମହାପାତ୍ରଙ୍କ ମଧ୍ୟରେ ଟିକଟ ପାଇଁ ଭିଡ଼ାଓଟରା ଚାଲିଥିବାବେଳେ ବିଜେପି ରାଜ୍ୟ ସଭାପତିଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ସେହିପରି କୋଟପାଡ଼ ଆସନ ମଧ୍ୟ ଝୁଲିକି ରହିଛି। କୋରାପୁଟ ଜିଲ୍ଲାରେ ମେ' ୧୩ରେ ଭୋଟ୍ ହେବାକୁ ଥିବାବେଳେ ଆସନ୍ତା ୧୮ ରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହେବ। ତେଣୁ ଦଳୀୟ କର୍ମୀ ମହଲରେ ଦେଖାଦେଇଥିବା ଅସନ୍ତୋଷକୁ ରାଜ୍ୟ ମୁଖିଆ କିଭଳି ବୁଝାମଣା କରିବେ ତାକୁ ନେଇ ଅଡୁଆରେ ପଡ଼ିଥିବା କର୍ମୀ ମହଲରେ ଆଲୋଚନା ହେଉଛି।

# 'ହାଲ୍' କର୍ମଚାରୀ କଲ୍ୟାଣ ସଂଘର ନୂତନ କର୍ମକର୍ତ୍ତା



**ସୁନାବେଡ଼ା, ୧୩।୪(ସମିସ):** ସୁନାବେଡ଼ାସ୍ଥିତ କୋରାପୁଟ ଜିଲ୍ଲା 'ହାଲ୍' କର୍ମଚାରୀ କଲ୍ୟାଣ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସର୍ବସମ୍ମତିକ୍ରମେ ସଂଘର ବରିଷ୍ଠ ସଦସ୍ୟ ହର୍ଷାନନ୍ଦ ଚେଟ୍ଟି ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଆନନ୍ଦ ମୌଳୀ ପଟ୍ଟନାୟକ ଓ ଭୈରବ ପ୍ରସାଦ ନାୟକ ଉପସଭାପତି, ବିରେନ୍ଦ୍ର ସମାରେଡି ସାଧାରଣସମ୍ପାଦକ, ଜିନୁ ବେନିଆ ଯୁଗ୍ମ ସମ୍ପାଦକ, ଲକ୍ଷ୍ମଣ ମୁଥାଇ ସହ ସମ୍ପାଦକ ଏବଂ ରମେଶ କୁମାର ପାତ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ବିକାଶ ହନ୍ତାଳ, ନୀଳକଣ୍ଠ ଝଡ଼ିଆ ଏବଂ ଅସିତ କୁମାର ମାଲାକର ଉପଦେଷ୍ଟାମଣ୍ଡଳୀର ସଦସ୍ୟ ମନୋନୀତ ହୋଇଛନ୍ତି। ବରିଷ୍ଠ ସଦସ୍ୟ ମାଧବ ଦୋରା, ଗୋପାଳକୃଷ୍ଣ ପାତ୍ର ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ସମ୍ପନ୍ନ କରିଥିଲେ।

# ପୋଷ୍ଟାଲ ବାଲଟରେ ଭୋଟ୍ ଦେବେ ୮୦%ରୁ ଅଧିକ ଥିବା ଦିବ୍ୟାଙ୍ଗ





**ରାୟଗଡ଼ା,୧୩।୪(ସମିସ):** 'ଦିବ୍ୟାଙ୍ଗ ବୋଲି ଦୁଃଖ ମୋ ନାହିଁ, ପୋଷ୍ଟାଲ ବାଲଟ୍ ମୋହରି ପାଇଁ'। ଏହି ସ୍ଲୋଗାନ ନେଇ ଏବେ ରାୟଗଡ଼ା ଜିଲ୍ଲାରେ ଥିବା ୮୦ ପ୍ରତିଶତରୁ ଅଧିକ ଥିବା ଦିବ୍ୟାଙ୍ଗ ଭାଇଭଉଣୀମାନେ ପୋଷ୍ଟାଲ ବାଲଟରେ ଭୋଟଦାନ କରିବା ପାଇଁ ଏକ ପ୍ରକାର ଆଗ୍ରହ ପ୍ରକାଶ କରିଛନ୍ତି। ବିଶେଷ କରି ୮୦ ପ୍ରତିଶତରୁ ଅଧିକ ଥିବା ଦିବ୍ୟାଙ୍ଗମାନେ ଯିଏ କି, ଶଯ୍ୟାସାୟୀ ହୋଇଥିବେ, ବୁଥ କେନ୍ଦ୍ରକୁ ଯିବାରେ ଅସମର୍ଥ ଥିବେ ସେମାନଙ୍କ ପାଇଁ ପୋଷ୍ଟାଲ ବାଲଟ ବ୍ୟବସ୍ଥା ବହୁତ ସହାୟକ ହେବ ବୋଲି ଜଣାପଡ଼ିଛି। ରାୟଗଡ଼ା ଉପଜିଲ୍ଲାପାଳ ତଥା ନିର୍ବାଚନ ରିଟର୍ଣ୍ଣିଂ ଅଧିକାରୀ ସଂଘମିତ୍ରା କଲ୍ୟାଣ ଦେବୀଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ପୌର ପରିଷଦ ଅଧୀନସ୍ଥ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଥିବା ବୁଥ୍ ନମ୍ବର ୨୧୪ର ରାୟଗଡ଼ାର ଖ୍ୟାତନାମା ଦିବ୍ୟାଙ୍ଗ ସାହିତ୍ୟିକ ସତ୍ୟ ନାରାୟଣ ଗନ୍ତାୟତଙ୍କୁ ପ୍ରଥମ ପୋଷ୍ଟାଲ ବାଲଟ ଫର୍ମ ପ୍ରଦାନ କରାଯାଇ ପୂରଣ କରାଯାଇଛି। ଶ୍ରୀ ଗନ୍ତାୟତ ମଧ୍ୟ ପୋଷ୍ଟାଲ ବାଲଟରେ ମତଦାନ କରିବାର ସୁବିଧାସୁଯୋଗକୁ ନେଇ ସାଧାରଣ ନିର୍ବାଚନରେ ଦିବ୍ୟାଙ୍ଗମାନଙ୍କ ପ୍ରତି ସମ୍ବେଦନଶୀଳ ଥିବା ଜିଲ୍ଲା ପ୍ରଶାସନର ପଦକ୍ଷେପକୁ ସ୍ୱାଗତ କରିବା ସହ ଭୋଟ ଦେବାର ଅଧିକାରକୁ ସେ ସାବ୍ୟସ୍ତ କରିବା ପାଇଁ ଆଗ୍ରହୀ ଥିବା ଦେଖିବାକୁ ମିଳିଛି। ଶନିବାର ଏହି ପୋଷ୍ଟାଲ ବାଲଟ ଫର୍ମ ପୂରଣ ସମୟରେ ବିଏଲଓ ସବିତା ପ୍ରଧାନ ଏବଂ ସୁପରଭାଇଜର ରାମମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ରାୟଗଡ଼ା ପୌର ପରିଷଦରେ ଥିବା ୮୦ ପ୍ରତିଶତରୁ ଅଧିକ ଥିବା ପାଖାପାଖି ୨୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ଚିହ୍ନଟ ନିମନ୍ତେ ପ୍ରକ୍ରିୟା ଜାରି ରହିଥିବା ଜଣାପଡ଼ିଛି। ରାୟଗଡ଼ା ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ଦ୍ୱାରା ସି-ଭିଜିଲ, ସକ୍ଷମ ଆପ୍ ଲୋଗୋ ସହ ବିଭିନ୍ନ ସଚେତନତା ସ୍ଲୋଗାନ ସମ୍ବଳିତ ବାଉଁଶ ବିଞ୍ଚଣା ଉଭୟ ଭୋଟର ଏବଂ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆଦୃତ ଓ ପ୍ରଶଂସିତ ହୋଇପାରିଥିବାବେଳେ ଦିବ୍ୟାଙ୍ଗ ଭାଇଭଉଣୀଙ୍କ ସମେତ ମତଦାତାଙ୍କ ସଚେତନତା ସୃଷ୍ଟିରେ ଅଦ୍ୟମ ସହଯୋଗ କରୁଥିବା ବ୍ୟକ୍ତିବିଶେଷଙ୍କୁ ଏହି ବିଞ୍ଚଣା ଉପହାର ସଦୃଶ ପ୍ରଦାନ କରାଯାଉଛି।

# ମାଲବେଡ଼ାରେ ବିଜେଡି କର୍ମୀ ସମ୍ମିଳନୀ





**ଉମରକୋଟ, ୧୩।୪(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ମୁର୍ତ୍ତୁମା ପଞ୍ଚାୟତର ମାଲବେଡାଠାରେ ବିଜୁ ଜନତା ଦଳ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀ ଓ ଉମରକୋଟ ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ନବିନା ନାୟକ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ବରିଷ୍ଠ ନେତା ତଥା ଆଇନଜୀବୀ ଝାଡେଶ୍ୱର ମହାନ୍ତି ସଭାପତିତ୍ୱ କରିଥିଲେ। ବିଜୁ ଜନତା ଦଳ ପକ୍ଷରୁ ତୃଣମୂଳ ସ୍ତରରେ ପହଞ୍ଚି ଅନେକ କାର୍ଯ୍ୟ କରାଯାଉଥିବା ବେଳେ ବିଭିନ୍ନ ବିକାଶ କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଥିଲା। ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ପୌରାଧ୍ୟକ୍ଷା ରାଧା ଭତ୍ରା, ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝୀ, ତପନ ଦେବନାଥ, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ବରିଷ୍ଠ ବିଜେଡି ନେତା ଦେବୀ ସିଂ ମାଝୀ, ବିରସିଂ ମାଝୀ, ସୁମିତ ପୂଜାରୀ, କୈଳାସ ନାୟକ, ସୀମା ବିଷୋୟୀ, ରଜତ ସାନ୍ତ୍ରା, ସଲିମ ରାଠୋର, ଗୋପାଳ ବିଷୋୟୀ, ଛନ୍ଦା ଜେନା, ସୁକଦେବ ଗଣ୍ଡ, ମନୋଜ ଧଳ, ଗଜେନ୍ଦ୍ର ନାୟକ, ଗୋପାଳ ପଟ୍ଟନାୟକ ଉପସ୍ଥିତ ଥିଲେ।

# ରେକର୍ଡ ଡ୍ୟାନ୍ସ ବେଳେ ଦୁଇଗୋଷ୍ଠୀ ମୁହାଁମୁହିଁ: ଅପେରା ମଞ୍ଚ ପାଲଟିଲା ରଣକ୍ଷେତ୍ର

**ବ୍ରହ୍ମପୁର, ୧୩।୪(ସମିସ):** ସ୍ଥାନୀୟ ଲୋଚାପଡ଼ା ଅଞ୍ଚଳରେ ଚାଲିଥିବା ଏକ ଦଣ୍ଡନାଚରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏହି ମୁହାଁମୁହିଁ ହେବାର ଭିଡ଼ିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ନିମଖଣ୍ଡି ଥାନା ଅଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି। ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ବୋଲି ସେ କହିଛନ୍ତି। ତଥାପି ଭାଇରାଲ ଭିଡ଼ିଓକୁ ନେଇ ପୁଲିସ ତନାଘନା କରୁଛି। ସୂଚନାଯୋଗ୍ୟ ଯେ, ଗୁରୁବାର ମଧ୍ୟରାତିରେ ଲୋଚାପଡ଼ା ଗୋବିନ୍ଦ ବିହାର ଅଞ୍ଚଳରେ ମରାବାଇ ଦଣ୍ଡନାଚ ଚାଲିଥିଲା। ଏହି ଦଣ୍ଡନାଚ ଦେଖିବାକୁ ହଜାର ହଜାର ଦର୍ଶକ ଆସିଥିଲେ। ରାତି ସାଢ଼େ ଗୋଟାଏ ବେଳେ ରେକର୍ଡ଼ ଡ୍ୟାନ୍ସ ଆରମ୍ଭ ହୋଇଥିଲା। ଗୀତର ତାଳେ ତାଳେ କଳାକାରମାନେ ନାଚୁଥିବା ବେଳେ ହଠାତ ସେଠାରେ ରଣକ୍ଷେତ୍ର ଦେଖିବାକୁ ମିଳିଥିଲା। କୌଣସି କାରଣକୁ ନେଇ ଦୁଇ ଯୁବକ ଷ୍ଟେଜ ଉପରେ ଚଢ଼ି ମାରିପିଟ କରିଥିଲେ। ପରେ ଉଭୟଙ୍କ ସହଯୋଗୀମାନେ ଷ୍ଟେଜ ଉପରକୁ ଆସି ମୁହାଁମୁହିଁ ହୋଇଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବା ହେତୁ କିଛି ସମୟ ପାଇଁ ସେଠାରେ ନାଚଗୀତ ବନ୍ଦ ହୋଇଥିଲା। ପରେ ଆୟୋଜକମାନେ ପରିସ୍ଥିତିକୁ ନିୟନ୍ତ୍ରିତ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଦୁଇ ଗୋଷ୍ଠୀ ମାରପିଟ ହେଉଥିବାର ଭିଡ଼ିଓ ସେଠାରେ ଉପସ୍ଥିତ ଥିବା ଦର୍ଶକମାନେ ନିଜ ମୋବାଇଲରେ ରେକର୍ଡ କରିଥିଲେ। ପରେ ସୋସିଆଲ ମିଡିଆରେ ଛାଡିଥିଲେ। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବେଳେ ଦୁଇଗୋଷ୍ଠୀ ମୁହାଁମୁହିଁ ହେବାର ଅନେକଥର ଦେଖିବାକୁ ମିଳିଛି।

# ୩ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

**ଖଲ୍ଲିକୋଟ,୧୩।୪ (ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ଓ ପଥରାରେ ଆଜି ଦଣ୍ଡଯାତ୍ରାର ଶେଷ ପର୍ବ ମାସନ୍ତ ମେରୁ ଅନୁଷ୍ଠିତ ହୋଇଯାଇଛି। ଏହି ମେରୁ ଯାତ୍ରା ଦେଖିବା ପାଇଁ ପ୍ରବଳ ଜନ ସମାଗମ ହୋଇଥିଲା। ଏହି ଜନଗହଳିର ସୁଯୋଗ ନେଇ ଲୁଟେରା ମାନେ ସକ୍ରିୟ ହୋଇ ଉଠିଥିଲେ। ଲଙ୍ଗଳେଶ୍ୱର ମେରୁଯାତ୍ରା ଦେଖିବା ପାଇଁ ଆସିଥିବା ୩ ଜଣ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ହୋଇଥିବା ଭେଜିପୁଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଛତ୍ରଗଡ଼ର ଅଞ୍ଜଳି ସାହୁଙ୍କ ସମେତ ବିକ୍ରମପୁର ଓ ବିରିପୁର ଗ୍ରାମର ଦୁଇ ଜଣ ମହିଳାଙ୍କ ବେକରୁ ସୁନା ଚେନ ଓ ଧାନୁଆମାଳି ଲୁଟ ହୋଇଛି। ଅଞ୍ଜଳିଙ୍କ ଅଭିଯୋଗ ଅନୁଯାୟୀ, ଭିଡ଼ ଭିତରେ ଜଣେ ମହିଳା ତାଙ୍କୁ ଧକ୍କା ଦେଇ ତରବରିଆ ଭାବେ ଚାଲିଯାଇଥିଲା। ଏହାପରେ ସେ ଦେଖିବା ବେଳକୁ ତାଙ୍କ ବେକରେ ସୁନା ଚେନ ନ ଥିଲା। ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରି ଦେଇଛନ୍ତି ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର।

# ମାଛଧରା ଉପରେ ଲାଗିଲା କଟକଣା

**ଛତ୍ରପୁର,୧୩।୪(ସମିସ):** ସମୁଦ୍ରରେ ମାଛ ମାରିବା ଉପରେ ସୋମବାର ଠାରୁ ଲାଗିବ କଟକଣା। ଏପ୍ରିଲ ୧୫ରୁ ଜୁନ୍ ୧୪ ପ୍ରାୟ ୬୧ ଦିନ ସମୁଦ୍ରରେ ମାଛ ମାରିବା ଉପରେ କଟକଣା ଜାରି କରିଛନ୍ତି ମତ୍ସ୍ୟ ବିଭାଗ। ଏହି ୬୧ ଦିନ ମଧ୍ୟରେ ସମସ୍ତ ପ୍ରକାରର ଟ୍ରଲର ଓ ସମସ୍ତ ପ୍ରକାରର ଡଙ୍ଗା(କେବଳ ୮.୫ମି ଦୈର୍ଘ୍ୟ ପର୍ଯ୍ୟନ୍ତ ପାରମ୍ପରିକ ଓ ଯାନ୍ତ୍ରିକ ଡଙ୍ଗା ବ୍ୟତୀତ) ସମୁଦ୍ରରେ ମାଛଧରା ନିଷେଧ ରହିଛି। ଏହି ସମୟରେ ମାଛଙ୍କ ପ୍ରଜନନ ସମୟ ଓ ସମୁଦ୍ର ଅଶାନ୍ତ ରହୁଥିବାରୁ ମାଛ ମାରିବା ଉପରେ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଥାଏ। ଯାହାଫଳରେ ଶହ ଶହ ମତ୍ସ୍ୟଜୀବୀ ସେମାନଙ୍କ ଜୀବିକା ଉପରେ ବିଶେଷ ପ୍ରଭାବ ପକାଇଥାଏ। ତେଣୁ ସରକାରଙ୍କ ପକ୍ଷରୁ ଏହି ଦୁଇ ମାସରେ ଜଣେ ପିଛା ପରିବାରକୁ ମାସିକ ୧୫ ହଜାର ଟଙ୍କା ହିସାବରେ ୩୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିବାକୁ ଦାବି କରିଛନ୍ତି ମତ୍ସ୍ୟଜୀବୀ। ଗଞ୍ଜାମ ଜିଲ୍ଲାରେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଅଧିକାଂଶ ଲୋକ ଦୈନିକ ସମୁଦ୍ରକୁ ଯାଇ ମାଛ ମାରିଥାନ୍ତି। ସେମାନଙ୍କ ଜୀବିକା କହିଲେ ସମୁଦ୍ରରେ ମାଛଧରିବା। ସେମାନଙ୍କ କୌଣସି ଜମି

### କ୍ଷତିପୂରଣ ଦାବି କଲେ ମତ୍ସ୍ୟଜୀବୀ

ନାହିଁ। ତେଣୁ ସେମାନେ ସର୍ବଦା ସମୁଦ୍ର ଉପରେ ନିର୍ଭର କରିଥାନ୍ତି। ଏବେ ରାଜ୍ୟ ସରକାରଙ୍କ ମତ୍ସ୍ୟବିଭାଗ ପକ୍ଷରୁ ମାଛ ଧରିବା ଉପରେ କଟକଣା ଲଗାଯିବା ହେତୁ ଏହି ଦୁଇ ମାସ କିପରି ସେମାନଙ୍କ ପରିବାର ପୋଷିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି ମତ୍ସ୍ୟଜୀବୀ। ମାଛ ଧରିଲେ ଯାହାର ଚୁଲି ଜଳେ ସେମାନେ ଚଳିବେ କିପରି ଯାହାକି ସେମାନଙ୍କୁ ଚିନ୍ତାରେ ପକାଇଦେଇଛି। ତେଣୁ ଏହି ଦୁଇ ମାସର କ୍ଷତିପୂରଣ ସମେତ ପରିବାର ପ୍ରତିପୋଷଣ ପାଇଁ ୩୦ ହଜାର ଟଙ୍କା ଦାବି କରିଛନ୍ତି ମତ୍ସ୍ୟଜୀବୀ। ସରକାରଙ୍କ ସମସ୍ତ ନିୟମ ମାନିବୁ ଯେହେତୁ ଏହି ପ୍ରଜନନ ପରେ ମାଛ ସଂଖ୍ୟା ବୃଦ୍ଧି ହେବ ଯାହାଫଳରେ ମତ୍ସ୍ୟଜୀବୀମାନେ ଅଧିକରୁ ଅଧିକ ମାଛ ଧରିପାରିବେ। ସରକାରଙ୍କ ନିର୍ଦ୍ଦେଶ ମୁତାବକ ମତ୍ସ୍ୟଜୀବୀଙ୍କୁ ସଚେତନ କରାଯାଉଛି। ସାଗର ମିତ୍ର ଜରିଆରେ ସଚେତନତା ସହ ଗାଁ ଗାଁରେ ପୋଷ୍ଟର ଲଗାଯାଉଛି। ଏହି ପ୍ରଜନନ ହେଲେ ଆଗାମୀ ଦିନରେ ଅଧିକରୁ ଅଧିକ ମାଛ ମିଳିବ ବୋଲି ସାଗର ମିତ୍ର ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ସଚେତନ କରାଯାଉଛି। ଗଞ୍ଜାମ ଉପକୂଳବର୍ତ୍ତୀ ଅଞ୍ଚଳରେ ୨୭ଟି ସାମୁଦ୍ରିକ ଗ୍ରାମ ରହିଛି। ସାଗର ମିତ୍ର ଜରିଆରେ ସେମାନଙ୍କୁ ସଚେତନତା ସହ ସେମାନେ ଏହି ସବୁ ଅଞ୍ଚଳ ବୁଲି ମତ୍ସ୍ୟଜୀବୀମାନଙ୍କୁ ସଚେତନ କରାଉଥିବା ସାମୁଦ୍ରିକ ମତ୍ସ୍ୟ ବିଭାଗ ସହକାରୀ ମତ୍ସ୍ୟ ଅଧିକାରୀ ବିଶ୍ୱ ଭୂଷଣ ଜେନା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲାର ସବୁ ସାମୁଦ୍ରିକ ମତ୍ସ୍ୟଜୀବୀ ଭାଇମାନେ ନିଜ ଡଙ୍ଗାକୁ କୂଳରେ ରଖି ତଟରେ ବସି ରହିବେ। ଯଦି ସେମାନେ ବେନିୟମ ଭାବେ ସମୁଦ୍ରକୁ ମାଛ ମାରିବା ପାଇଁ ଯିବେ ସେମାନଙ୍କ ଡଙ୍ଗାକୁ ଜବତ କରାଯିବା ବୋଲି ନିର୍ଦ୍ଦେଶ ରହିଛି।

### ସତ୍ୟଙ୍କ ଆଉ ଏକ ସଫଳତା

# କାଠ ନିର୍ମିତ ଶିବ ମୂର୍ତ୍ତି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ

**ବ୍ରହ୍ମପୁର, ୧୩।୪(ସମିସ):** ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣାଙ୍କ ଦ୍ୱାରା କାଠ ନିର୍ମିତ ଶିବ ମୂର୍ତ୍ତି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ନିମନ୍ତେ ଚୟନ ହୋଇଛି। ବାଲୁକା ଶିଳ୍ପୀ ସତ୍ୟ ଶିବରାତ୍ରି ଅବସରରେ ଶାଗୁଆନ କାଠରେ ଏକ ଶିବ ମୂର୍ତ୍ତି ନିର୍ମାଣ କରିଥିଲେ। ଯାହାର ଉଚ୍ଚତା ୧ ସିଏମ ରହିଛି। ନିର୍ମିତ ମୂର୍ତ୍ତିଟି ଅତି ଛୋଟ ହେଲେ ସୁଦ୍ଧା ସେଥିରେ ସୂକ୍ଷ୍ମ କାରୁକାର୍ଯ୍ୟ ରହିଛି। ଯାହାକୁ ନେଇ ଗତ କିଛି ଦିନ ପୂର୍ବେ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇବା ପାଇଁ ଆବେଦନ କରିଥିଲେ। ଅନ୍ୟପକ୍ଷରେ ବାଲୁକା ଶିଳ୍ପୀ ଶ୍ରୀ ମହାରଣା ବିଭିନ୍ନ ସମୟରେ ବହୁ ସୂକ୍ଷ୍ମ ମୂର୍ତ୍ତି ନିର୍ମାଣ କରିଛନ୍ତି। ଏଭଳି ସେ ଅନେକେ କାଳ କୃତି ନିର୍ମାଣ କରି ବେଶ୍ ପ୍ରଶଂସା ପାଇଁ ସହ ବହୁ ରେକର୍ଡର ଅଧିକାରୀ ହୋଇପାରିଛନ୍ତି।



# ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର



**ବ୍ରହ୍ମପୁର, ୧୩।୪(ସମିସ):** ସ୍ଥାନୀୟ ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ପରିସରରେ ଶନିବାର ଏକ ଆଲୋଚନା ଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଓ ପ୍ରାଚୀନ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସଂସଦର ଡ. ଲକ୍ଷ୍ମୀ ନାରାୟଣ ଦାଶଙ୍କ ସଭାପତତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ଭାବେ ଦେବଦୁର୍ଲ୍ଲଭ ଦାସ ଯୋଗ ଦେଇ 'ରହସ୍ୟମଞ୍ଜରୀ' ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଅନ୍ୟତମ ଆଲୋଚକ ଭାବରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣ ଓଡ଼ିଶାର ଉପ ସଚିବ ଡ. କୁଳମଣି ଓଝା ସାରଗର୍ଭକ ଆଲୋଚନା ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ଭାବେ କବି ପ୍ରମୋଦ କୁମାର ପଣ୍ଡା, କବୟିତ୍ରୀ ଗାୟତ୍ରୀ ପାଣିଗ୍ରାହୀ ଯୋଗ ଦେଇ କବିତା ପାଠର ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ କବି ଡ. ସୁଶାନ୍ତ ଦାଶ, ବିଜୟ ଚନ୍ଦ୍ର ମିଶ୍ର, ବଂଶୀଧର ସେଠୀ, ରୂପାଲି ମିଶ୍ର, ଏସ. ସୁପ୍ରିୟା ରେଡ୍ଡୀ, ପୂଜା ସାବତ, ଅନିତା ବେହେରା, ସରିତା କୁମାରୀ ଗୌଡ, ସୁସ୍ମିରାଣୀ ନାୟକ, ମଧୁମିତା ହୋତା, ପ୍ରମୋଦ କୁମାର ପଣ୍ଡା, ଲିଙ୍ଗରାଜ ଷଡଙ୍ଗୀ, ଗାୟତ୍ରୀ ରଥ, ଟି. କାଳିପ୍ରସାଦ ରାଓ, ସନ୍ତୋଷ କୁମାର ଦାସ, ସନ୍ତୋଷ କୁମାର କୁମାର ସାହୁ, ହୀନମଣୀ ବେହେରାଙ୍କ ସମେତ ଅନେକ କବି ଓ କବୟିତ୍ରୀ ଆସରରେ କବିତା ପାଠ କରିଥିଲେ। ପରିଶେଷରେ ମହାବିଦ୍ୟାଳୟ ଅଧ୍ୟାପକ ସାନ୍ତନୁ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

